## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର



ପାରାଦୀପ,୬।୬(ସ୍ୱ.ପ୍ର.): ମଧୁର ସମ୍ପର୍କରେ ତିକ୍ତତା ଆସିଯିବା ଫଳରେ ମଣିଷ ବେଳେବେଳେ ହିତାହିତ ଜ୍ଞାନ ହରାଇ ଅପରାଧ କରି ବସେ। ସେହିପରି ଏକ ଘଟଣା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଘଟିଛି। ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଏନେଇ ଗୁରୁବାର ସନ୍ଧ୍ୟାରେ ଆହତଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୯୬/୧୯ ରୁଜୁ କରି ତଦନ୍ତ ଚଳାଇଛି। ଆହତ ଯୁବକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଉଜଙ୍ଗ ଗ୍ରାମର ରାଜେଶ କାନୁନ୍‌ଗୋ(୨୪)। ରାଜେଶ ପୋର୍ଟ ଭିତରେ ଥିବା ପିଆଇସିଟି କମ୍ପାନୀରେ ସିକ୍ୟୁରିଟି ଭାବେ କାମ କରନ୍ତି। ଗତ ୪ ତାରିଖ ମଧ୍ୟାହ୍ନରେ ସେ ଡ୍ୟୁଟି ସାରି ଭଡ଼ାଘର ବିଜୟଚନ୍ଦ୍ରପୁରକୁ ଫେରିବାବେଳେ ଅଭିଯୁକ୍ତ ପାରାଦୀପ ମଡେଲ ଥାନା ଅଧୀନ ବିଜୟଚନ୍ଦ୍ରପୁରର ତପନ ସ୍ୱାଇଁ ତାଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ରାଜେଶଙ୍କ ଡାହାଣ ହାତ ଓ ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ଓ ସିକ୍ୟୁରିଟି ସଂସ୍ଥାର ଅନ୍ୟ କର୍ମଚାରୀମାନେ ତାଙ୍କୁ ପ୍ରଥମେ ବନ୍ଦର ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବାରୁ ୨ ଦିନ ପରେ ଅଭିଯୋଗ ହୋଇଛି। ଘଟଣା ପଛରେ ପରକୀୟା ପ୍ରୀତି ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ଠକେଇ ଅଭିଯୋଗରେ ମହିଳା ଗିରଫ

ପାରାଦୀପ,୬।୬(ସ୍ୱ.ପ୍ର.): ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳରେ ଜଣେ ମହିଳା ବୀମା କରାଇଦେବା ନାଁରେ ଏକାଧିକ ଲୋକଙ୍କୁ ଠକିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ନଂ.୪୬/୧୯ ରୁଜୁ କରିବା ସହ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୀନା ନାୟକ। ମାଇକ୍ରୋ ଫାଇନାନ୍ସ ନାମକ ଏକ ଘରୋଇ ବୀମା କମ୍ପାନୀରେ ବୀମା କରାଇଦେବା ଓ ଲୋନ୍ ଦେବାକୁ ଲୋଭ ଦେଖାଇ ସେ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିଲେ। ଟଙ୍କା ଦେଇଥିବା ଲୋକେ ବୀମା ସମ୍ପର୍କିତ କାଗଜପତ୍ର ମାଗିବାରୁ ଅଭିଯୁକ୍ତ ମୀନା ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ ବୋଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି।

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ନେତାଙ୍କ ନାଁରେ ଧମକାଉଛନ୍ତି ଡାକ୍ତର

ଜଗତ୍‌ସିଂହପୁର ଅଫିସ,୬।୬



ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

- ଜଳ ସମ୍ପଦ ମନ୍ତ୍ରୀଙ୍କ ଆଗରେ ବିଭାଗୀୟ ଅପାରଗତାକୁ ନେଇ ଅଭିଯୋଗ
- ଡ୍ରେନେଜ୍ ବ୍ୟବସ୍ଥାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ
- ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀ ଓ ନଦୀବନ୍ଧ ମରାମତି ଦାବି

ଜଗତ୍‌ସିଂହପୁରରେ ଡାକ୍ତରମାନେ ନେତାଙ୍କ ନାଁ କହି କାମ ନ କରିବାକୁ ଧମକାଉଛନ୍ତି। ଏଭଳି ଅଭିଯୋଗ ଉଠାଇଛନ୍ତି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଅଜୟ କୁମାର ବୈଠାରୁ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସେ ଏଭଳି ଗୁରୁତର ପ୍ରସଙ୍ଗ ଉଠାଇଥିଲେ। ତେବେ ସିଡିଏମ୍‌ଓଙ୍କ ଏହି ଅଭିଯୋଗକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଉପସ୍ଥିତ ଏମ୍‌ପି ଓ ବିଧାୟକମାନେ। ସିଡିଏମ୍‌ଓଙ୍କ ପାଟିରୁ କଥା ନ ସରୁଣୁ ପ୍ରଥମେ ଆକ୍ରମଣାତ୍ମକ ଢଙ୍ଗରେ ଜବାବ ଦେଇଥିଲେ ଏମ୍‌ପି ରାଜଶ୍ରୀ ମଲ୍ଲିକ। ସେ କହିଲେ ଏସବୁ କହିବା ପାଇଁ ଏହା ପ୍ରକୃତ ଫୋରମ୍ ନୁହେଁ। ତଥାପି ମୋ ନାଁ ନେଇ କେହି ଏଭଳି ଧମକାଇଛନ୍ତି କି। ଆଉ ଯଦି କେଉଁ ନେତାଙ୍କ ନାଁ ନେଇ ଡାକ୍ତର ଧମକାଉଛନ୍ତି ସେମାନଙ୍କ ନାଁ ଘୋଷଣା କରାଯାଉ। କେବଳ ଏମ୍‌ପି ନୁହନ୍ତି, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ ପାଲଟା ପ୍ରଶ୍ନ କଲେ ଯେ, ଯଦି କେହି ନେତାଙ୍କ ନାଁ ନେଇ ଧମକାଉଥିଲେ ତେବେ କୌଣସି ନେତା କେବେ ଆପଣଙ୍କୁ ଏ ବାବଦରେ ପଚାରିଛନ୍ତି କି। ଯଦି ନାଁ ତେବେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଭଳି ଯୁକ୍ତିତର୍କ ମଧ୍ୟରେ ହଡ଼ବଡ଼େଇ ଯାଇଥିଲେ ସିଡିଏମ୍‌ଓ। ପରେ ଏଭଳି ପ୍ରସଙ୍ଗ ଉଠାଇଥିବାରୁ କ୍ଷମା ପ୍ରାର୍ଥନା କରିଥିଲେ। ତଥାପି ଡାକ୍ତରମାନେ ଜଗତ୍‌ସିଂହପୁର ଜିଲାର ନୁହେଁ, ଅନ୍ୟ ନେତା ଓ ମନ୍ତ୍ରୀଙ୍କ ନାଁ ନେଇ ଧମକାଉଥିବା କହିଥିଲେ। ସେହିପରି ଏମ୍‌ପିଙ୍କ ସମେତ ଅନ୍ୟମାନେ ଜଳ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ଆଗରେ ବିଭାଗୀୟ ଅପାରଗତା ସମ୍ପର୍କରେ କହିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ କାମ ଅପେକ୍ଷା ଅଧିକ ଭାଷଣ ଦେଉଥିବାରୁ ଜିଲା ପ୍ରଗତିରେ ବାଧା ସୃଷ୍ଟି ହେଉଥିବା କହିଥିଲେ। ଡ୍ରେନେଜ୍ ସମସ୍ୟା, ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀ, ନଦୀବନ୍ଧ ମରାମତି ଆଦି ପ୍ରସଙ୍ଗକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଜିଲା ମୁଖ୍ୟାଳୟରେ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ନାଗପୁର ଓ ପାଣିସାଳିଆ ଡ୍ରେନେଜ୍‌ର ଏକାଧିକ ସ୍ଥାନରେ ପ୍ରତିବନ୍ଧକ ଥିବାରୁ ଜଳ ନିଷ୍କାସନ ହୋଇପାରୁନି। ସରକାରୀ ବାଳିକ ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ବସଷ୍ଟାଣ୍ଡ, ଥାନା ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତା ସମେତ ବଡ ବଜାରରେ ଡ୍ରେନ୍ ସମସ୍ୟା ଯୋଗୁ ଅସୁବିଧା ହେଉଛି। ବିଧାୟକ ମୁଦୁଲି କହିଲେ ଯେ, ବସଷ୍ଟାଣ୍ଡ ବିଦ୍ୟୁତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ବେସରକାରୀ ଜମି ଯୋଗୁ ଯଦି ଲୋକେ ଅସୁବିଧା ଭୋଗୁଛନ୍ତି, ତେବେ ଏହା ଉପରେ ବିଚାର କରାଯିବା ଦରକାର। ଏହି ଜମି ସରକାରଙ୍କ ହାତକୁ କିପରି ଆସିବ ସେନେଇ ପ୍ରକ୍ରିୟା ଆରମ୍ଭ କରାଯାଉ। ବୈଠକରେ ଜିଲାପାଳ ଗୁହା ପୁନମ ତାପସ କୁମାର ପୌରୋହିତ୍ୟ କରି କହିଲେ ଯେ, ସହର ମଧ୍ୟ ଦେଇ ଯାଇଥିବା କେନାଲ ଉଭୟ ପାର୍ଶ୍ୱରେ ରାସ୍ତା ଥିଲେ ସୁଦ୍ଧା ଗୋଟିଏ ପାର୍ଶ୍ୱରେ ଗାଡି ଚଳାଚଳରେ ବାଧା ଉପୁଜୁଛି। ତେଣୁ ଏହି ରାସ୍ତା ଦ୍ୱୟକୁ ୪ ଥାକିଆ କରିବାକୁ ଯୋଜନା ହେବ। କାର୍ଯ୍ୟରେ ଅବହେଳା କରିଥିବା ଆପାଦ ମିତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଳ ସମ୍ପଦ ଓ ଡ୍ରେନେଜ୍ ବିଭାଗ କାର୍ଯ୍ୟକୁ ନେଇ ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏମ୍‌ପି ମଲ୍ଲିକ କହିଲେ ଯେ, ତିର୍ତ୍ତୋଲ ବ୍ଲକ କଟରା ଅଞ୍ଚଳର ୫/୬ଟି ଗାଁ ପଚ୍ଛୁଆ ପାଣି ଯୋଗୁ ପ୍ରତିବର୍ଷ ପ୍ରଭାବିତ ହେଉଛି। ଏ ସମ୍ପର୍କରେ ସେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରିଛନ୍ତି। ଏଥିସହ ସ୍ଲୁଇସ୍ ଗେଟ୍ କରିବାକୁ ତତ୍କାଳୀନ ବିଭାଗୀୟ ମନ୍ତ୍ରୀଙ୍କ ସହ କଥା ହୋଇ ଟେଣ୍ଡର ପର୍ଯ୍ୟନ୍ତ ଯାଇଥିଲେ। ହେଲେ ତାହା ଆଉ ଆଗାଉ ନ ଥିବାରୁ ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ତାଗିଦ କରିଥିଲେ। ଟେଣ୍ଡର ପରେ ମଧ୍ୟ ଠିକାଦାର କାମ ଆରମ୍ଭ କରିବାରେ ବିଳମ୍ବ କରୁଥିବାରୁ ଧାର୍ଯ୍ୟ ସମୟରେ କାମ ସରୁ ନ ଥିବ କହିଥିଲେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ। ବିଧାୟକ ମୁଦୁଲି ଡ୍ରେନେଜ୍ ସିଷ୍ଟମ୍ ପୁନରୁଦ୍ଧାର ଆଳରେ ଅର୍ଥ ବରବାଦ ହେଉଥିବା ଦର୍ଶାଇଥିଲେ। ସିଙ୍ଗାରପୁର-ଜୟତୋଳ ପର୍ଯ୍ୟନ୍ତ ପ୍ରାୟ ୫ କିମି ସଫେଇ ଆବଶ୍ୟକ ନ ଥିବାବେଳେ ତାହା କରାଯିବା ଆଳରେ ଅର୍ଥ ପାଣିରେ ପକାଯାଉଛି। ଜଳ ନିଷ୍କାସନ ହେଉ ନ ଥିବାରୁ ଏହି ୫ କିଲୋମିଟର ଏକ ହ୍ରଦର ଭ୍ରମ ସୃଷ୍ଟି କରୁଛି। ତେଣୁ ଏଥିପ୍ରତି ଧ୍ୟାନଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷାଦିନେ କିପରି ନଦୀ, କେନାଲ ବନ୍ଧ ସୁରକ୍ଷିତ ରଖାଯାଇପାରିବ ତା'ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭାପତି ପ୍ରିୟଦର୍ଶନୀ ବିଶ୍ୱାଳ, ଡେପୁଟି କଲେକ୍ଟର(ଜରୁରୀ) କଲ୍ୟାଣ ସୌରଭ ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବାଲିକୁଦା,୬।୬(ସ୍ୱ.ପ୍ର.)

ବାଲିକୁଦା ଥାନା ଅନ୍ତର୍ଗତ ବଡ଼ଗାଁ ପଞ୍ଚାୟତ ନାରଦିଆ କେଳାସାହିରେ ଗୁରୁବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରବୀନ୍ଦ୍ର ଦାସ(୨୫)। ସୂଚନା ଅନୁଯାୟୀ, ରବୀନ୍ଦ୍ରଙ୍କ ଏକ ନୂଆ କୋଠାଘର ନିର୍ମାଣ ଚାଲିଛି। ବୈଦ୍ୟୁତିକ ପାଣି ମୋଟର ଲଗାଇ ସେ ଉକ୍ତ ଘରେ ପାଣି ଦେଉଥିଲେ। ସେହି ମୋଟରରେ କିଛି ତ୍ରୁଟି ଦେଖାଦେବାରୁ ସେ ମରାମତି କରୁଥିଲେ। ସେତେବେଳେ ବିଦ୍ୟୁତ୍ ନ ଥିଲା। ମାତ୍ର ମରାମତି କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ଚାଲିଆସିଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବୀନ୍ଦ୍ର ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ପୋଲିସ କହିଛି।

### ବଜ୍ରପାତରେ ମଇଁଷି ମୃତ

ତିର୍ତ୍ତୋଲ,୬।୬(ଡି.ଏନ.ଏ.)

ତିର୍ତ୍ତୋଲ ରାଜସ୍ୱ ଗ୍ରାମରେ ବୁଧବାର ବଜ୍ରପାତରେ ଗୋଟିଏ ମଇଁଷିର ମୃତ୍ୟୁ ଘଟିଛି। ଅପରାହ୍ନରେ କାଳବୈଶାଖି ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ଗ୍ରାମର ଅଜିତ ଦାସଙ୍କ ଗୋଠରେ ଥିବା ଏକ ମଇଁଷିର ମୃତ୍ୟୁ ଘଟିଥିବା ଗୁରୁବାର ପ୍ରାଣୀ ସମ୍ପଦ ବିଭାଗ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

## ରେଲୱେ ପକ୍ଷରୁ ନିମ୍ନମାନର ରାସ୍ତା ନିର୍ମାଣ

# ସ୍ଥାୟିତ୍ୱ ନେଇ ଅଭିଯୋଗକଲେ ଗ୍ରାମବାସୀ

ବାଲିଆ,୬।୬

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ କଟକ-ପାରାଦୀପ ରେଳପଥର ଗୋଠପଦାଠାରେ ୧୪ନଂ. ଫାଟକ ଠାରୁ ୧୫ନଂ. ଫାଟକ ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ରେଲୱେ ପକ୍ଷରୁ ନୂତନ ରାସ୍ତା ନିର୍ମାଣ କରାଯାଉଛି। ତେବେ ଏହି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ସ୍ଥାନୀୟ ଗୋଠପଦା ଗ୍ରାମର କୈଳାସ ଚନ୍ଦ୍ର ଭୂୟାଁ, ଯୁଧିଷ୍ଠିର ଖଣ୍ଡୁଆଳ, ଦୀନବନ୍ଧୁ ମିଶ୍ର, ଅରକ୍ଷିତ ବେହେରା, ଜୟନ୍ତ ଭୂୟାଁ, ରାମଚନ୍ଦ୍ର ବେହେରା, ହରେକୃଷ୍ଣ ବେହେରା, ଶିବ କୁମାର ଖଣ୍ଡୁଆଳ, ସୁରେନ୍ଦ୍ରନାଥ ଖଣ୍ଡୁଆଳ, ବିକ୍ରମ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ରେଲୱେ ଡିଭିଜନାଲ ମ୍ୟାନେଜରଙ୍କୁ ପତ୍ର ଯୋଗେ ଜଣାଇଛନ୍ତି। ଏହି ରାସ୍ତାରେ ମାଟି କାମ କରିବା ବେଳେ ଶୁଖିଲା ମାଟି ନ ପକାଇ ଓଦା ମାଟି ପକାଯାଇଛି। ଫଳରେ ତାହା ଧିରେ ଧିରେ ଦବିବାରେ ଲାଗିଛି। ଠିକାଦାର ରାସ୍ତାଟିକୁ ଅଣଓସାରିଆ କରିଦେଇଛନ୍ତି। ତେଣୁ ସେହି ରାସ୍ତାରେ ଆଖୁ ଗାଡ଼ି, ବିଲକୁ ଟ୍ରାକ୍ଟର କିମ୍ବା ଅନ୍ୟ କୌଣସି ଭାରିଯାନ ଚଳାଚଳ କରିବାରେ ଅସୁବିଧା ହେବ। ସେହିପରି ରାସ୍ତାରେ ଉପଯୁକ୍ତ ପରିମାଣର ଡଷ୍ଟ ପକାଯାଉନାହିଁ। ତେଣୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ରାସ୍ତାର ଏକ ସ୍ଥାନରେ ଜଳ ନିଷ୍କାସନ ପାଇଁ ବସାଯାଇଥିବା ହୋମ୍‌ପାଇପ୍ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ଉକ୍ତ କଲଭର୍ଟ ମଧ୍ୟ ଅଣଓସାରିଆ ହୋଇଛି। ଆବଶ୍ୟକ ଅନୁଯାୟୀ ସିମେଣ୍ଟ ଓ ରଡ୍ ଦିଆଯାଇ ନ ଥିବାରୁ ଉକ୍ତ କଲ୍‌ଭର୍ଟର ସ୍ଥାୟିତ୍ୱକୁ ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି। ସୂଚନାଯୋଗ୍ୟ, କଟକ ପାରାଦୀପ ରେଳପଥର ୧୪ ନଂ ଗେଟ ଗୋଠପଦା ଗ୍ରାମ ନିକଟରେ ଲୋକେ ଦୀର୍ଘବର୍ଷ ଧରି ଲେବୁଲ କ୍ରସିଂ ଦେଇ ଯାତାୟାତ କରୁଥିଲେ। ଏହାର ଅପରପାର୍ଶ୍ୱରେ ଥିବା ଚାଷ ଜମିକୁ ସ୍ଥାନୀୟ ଚାଷୀମାନେ ଯାଇଥାନ୍ତି। ୨ ବର୍ଷ ତଳେ ରେଲୱେ ପକ୍ଷରୁ ସେହି ଗେଟ୍ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ଯୋଜନା ହୋଇଥିଲା। କିନ୍ତୁ ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ବାଧହୋଇ ରେଲୱେ ପକ୍ଷରୁ ରେଳପଥର ଦକ୍ଷିଣ ପାର୍ଶ୍ୱରେ ଏକ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା।



ରାସ୍ତାରେ ନିର୍ମାଣାଧୀନ କଲଭର୍ଟ।

# ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରାରୋପଣ




ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଇଫ୍‌କୋର ଅଧିକାରୀ ଓ କର୍ମଚାରୀମାନେ।

ପାରାଦୀପ,୬।୬(ସ୍ୱ.ପ୍ର.)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପାରାଦୀପ ଇଫ୍‌କୋ ସାର କାରଖାନା ପକ୍ଷରୁ ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। କାରଖାନା ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏଥିସହ କମ୍ପାନୀର ମୁଖ୍ୟ କେ.ଜେ. ପଟେଲଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନବ ଶୃଙ୍ଖଳ କରି ଚଳିତବର୍ଷର ବାର୍ତ୍ତା ବାୟୁ ପ୍ରଦୂଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ପରେ ପ୍ରଶାସନିକ ଭବନ ପରିସରରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ପଟେଲଙ୍କ ସମେତ ବରିଷ୍ଠ ଅଧିକାରୀ ଜେ.ପି. ଶ୍ରୀବାସ୍ତବ, ଜ୍ଞାନଚନ୍ଦ୍ର ଆଚାର୍ଯ୍ୟ, ଏ.କେ.ମଲ୍ଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷ ଇଫ୍‌କୋ ୫୦ହଜାର ଗଛ ଲଗାଇବ ବୋଲି କମ୍ପାନୀ ମୁଖ୍ୟ ଘୋଷଣା କରିଥିଲେ। ଏଥିସହ ଚଳିତବର୍ଷ ଫନୀ ବାତ୍ୟାବେଳେ ଜିଲା ପ୍ରଶାସନକୁ କରିଥିବା ସମସ୍ତ ପ୍ରକାର ସହଯୋଗ ଓ ଏବେ ପୁରୀ ଜିଲାରେ ଚାଲିଥିବା ସହାୟତା କାର୍ଯ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୁରୀ ଜିଲାରେ ଏକ ସବୁଜ ବଳୟ ସୃଷ୍ଟି ପାଇଁ ପ୍ରଶାସନ ସହ ଆଲୋଚନା ଚାଲିଛି। ଜାଗା ମିଳିଲେ ବୃକ୍ଷରୋପଣ କରାଯିବ। ସେହିପରି କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ଅଞ୍ଚଳରେ ସିଏସ୍‌ଆର ପାଣ୍ଠିରେ ଏକାଧିକ ପ୍ରକଳ୍ପ, ବୃକ୍ଷରୋପଣ, ବିଦ୍ୟାଳୟର ନବୀକରଣ କାର୍ଯ୍ୟ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବାତ୍ୟା ଫନୀକୁ ୩୪ ଦିନ ବିତିଲା

# ପ୍ରସ୍ତୁତ ହୋଇପାରିଲାନି କୃଷି କ୍ଷୟକ୍ଷତି ତାଲିକା

ରଘୁନାଥପୁର, ୬।୬ (ଡି.ଏନ.ଏ.)

ବାତ୍ୟା ଫନୀ ଯିବାର ୩୪ ଦିନ ପରେ ମଧ୍ୟ ରଘୁନାଥପୁର ବ୍ଲକ ଅଞ୍ଚଳରେ ପ୍ରସ୍ତୁତ କରାଯାଇ ପାରିଲାନି କୃଷି କ୍ଷୟକ୍ଷତି ଜନିତ ବିପନ୍ନଙ୍କ ତାଲିକା। ସୀମିତ ସଂଖ୍ୟାରେ ଥିବା ଆଖୁ, ଛତୁ ଓ ଅନ୍ୟ ପରିବା ଜାତୀୟ ଫସଲର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରି ତଦନ୍ତ ଅଧିକାରୀ କାର୍ଯ୍ୟ ସାରି ଦେଇଥିଲେ। ରବି ଜାତୀୟ ମୁଗ, ବିରି ଫସଲ କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିବାରେ ଅବହେଳା ପ୍ରଦର୍ଶନ କରାଯାଉଛି। ତଦନ୍ତ କରିବାକୁ ଯାଇଥିବା କର୍ମଚାରୀମାନେ କ୍ୱଚିତ ଚାଷୀଙ୍କଠାରୁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଫର୍ମ ପୂରଣ କରି ଆନୁଷଙ୍ଗିକ ପ୍ରମାଣପତ୍ର ଆଣିଛନ୍ତି। ଅନ୍ୟୁନ ୬୦ ପ୍ରତିଶତ ଚାଷୀ ନିଜର ପ୍ରମାଣପତ୍ର ସହ ଫର୍ମ ପୂରଣ ହୋଇ ନ ଥିବା ସମ୍ପର୍କରେ ଅଭିଯୋଗ ହେଉଛି। ତଦନ୍ତ କରିବାକୁ ଯାଉଥିବା ଅଧିକାରୀମାନେ ୧୯ ଗୋଟି ପଞ୍ଚାୟତର ଚାଷୀଙ୍କ ପାଖକୁ ନ ଯାଇ ମନଇଚ୍ଛା ରାଜନୈତିକ ବ୍ୟକ୍ତିଙ୍କ ସହାୟତାରେ କେବଳ ଚାଷୀଙ୍କ ନାମ ଲେଖି ଆଣୁଛନ୍ତି। ଫଳରେ ସରକାରଙ୍କ ପକ୍ଷରୁ ବାତ୍ୟା ବିପନ୍ନକୁ ତ୍ୱରିତ ସହାୟତା ଯୋଗାଇ ଦିଆଯିବା ପାଇଁ ହୋଇଥିବା ଘୋଷଣା ଧୂଆଁବାଣରେ ପରିଣତ ହୋଇଛି। ଏପରିକି କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷିଜନିତ କ୍ଷୟକ୍ଷତି ସହାୟତା ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ବ୍ଲକକୁ ଲାଗିଥିବା ବିରିଡି ଓ କଟକ ଜିଲାର ନିଶ୍ଚିନ୍ତକୋଇଲି ବ୍ଲକରେ ସରକାରଙ୍କ ନିୟମାନୁଯାୟୀ ତୃଣମୂଳସ୍ତରରୁ ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଉଥିବାବେଳେ ରଘୁନାଥପୁର ବ୍ଲକରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ବାତ୍ୟା ପରେ ରାଜ୍ୟପାଳ ଗଣେଶୀ ଲାଲ ବ୍ଲକକୁ ପରିଦର୍ଶନରେ ଆସି ଜିଲାପାଳଙ୍କ ଉପସ୍ଥିତିରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରି କ୍ଷୟକ୍ଷତି ଜନିତ ରିପୋର୍ଟ ଆକଳନ କରି ଦେବାକୁ କହିଥିବାବେଳେ ତଦନ୍ତ ଅଧିକାରୀଙ୍କ ମନ୍ଥରତା ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଏଏଓ ରାଜଲକ୍ଷ୍ମୀ ସାହୁଙ୍କୁ ପଚାରିବାରେ ଭିଏଡବ୍ଲ୍ୟୁମାନେ କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିଥିବାର ପ୍ରକାଶ କରିଛନ୍ତି। ତେବେ ନିର୍ଦ୍ଧାରିତ ଫର୍ମରେ ଆମେ ଚାଷୀଙ୍କଠାରୁ ପଛରେ ପୂରଣ କରି ଆଣିବୁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ ସମ୍ପୃକ୍ତ କୃଷି ବିଭାଗ ପକ୍ଷରୁ କୌଣସି ବିପନ୍ନଙ୍କ ଲିଷ୍ଟ ଆସି ନ ଥିବା ପ୍ରକାଶ କରିଛନ୍ତି। ତେବେ ତୃଣମୂଳସ୍ତରରୁ କୃଷି କ୍ଷୟକ୍ଷତି ଜନିତ ଠିକ୍ ତାଲିକା ପ୍ରସ୍ତୁତ କରିବାକୁ ନବନିର୍ମାଣ କୃଷକ ସଙ୍ଗଠନ ଓ ଚାଷୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଥିବାବେଳେ, କୃଷି ବିଭାଗ ପକ୍ଷରୁ ଏହାକୁ ହାଲୁକା ଭାବେ ଗ୍ରହଣ କରିବା ଜନଅସନ୍ତୋଷ ସୃଷ୍ଟି କରିଛି। ଜିଲାପାଳ ଏହାର ବାସ୍ତବତାକୁ ଉପଲବ୍ଧ କରି ତୁରନ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

## ଘରଭଙ୍ଗା ତଦନ୍ତରେ ଅନିୟମିତତା

# ପୁନର୍ବାର ତଦନ୍ତ ପାଇଁ ସରପଞ୍ଚଙ୍କ ଦାବି

ବାଲିଆ,୬।୬

ବାତ୍ୟା ଫନୀରେ ଭାଙ୍ଗିଯାଇଥିବା ଘର ତଦନ୍ତ କରିବା କ୍ଷେତ୍ରରେ ବିରିଡ଼ି ବ୍ଲକ ବଡ଼ଖଣ୍ଡାଏତା ପଞ୍ଚାୟତରେ ବ୍ୟାପକ ଅନିୟମିତତା କରାଯାଉଛି। ଏନେଇ ସ୍ଥାନୀୟ ଲୋକଙ୍କଠାରୁ ଆରମ୍ଭ କରି ସରପଞ୍ଚଙ୍କ ପର୍ଯ୍ୟନ୍ତ ବହୁବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଏ ସମ୍ପର୍କରେ ସରପଞ୍ଚ ବାବୁଲି ସ୍ୱାଇଁ, ସାମାଜିକ କର୍ମୀ ରମେଶ ସ୍ୱାଇଁ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତ ଅଧୀନ ଅରଙ୍ଗାବାଦ ଗ୍ରାମର ସୁଧାକର ବେହେରା, ବସନ୍ତ ଭୋଇ, ବେଣୁଧର ମିଶ୍ର, ଦୀନବନ୍ଧୁ ଭୋଇ, ବୁଲେଇ ପ୍ରଧାନ, ବଡ଼ଖଣ୍ଡାଏତା ଗ୍ରାମର ପ୍ରସନ୍ନ ଖଣ୍ଟିଆ, ପ୍ରଶାନ୍ତ ଖୁଣ୍ଟିଆ, ସୁକାନ୍ତ ଖୁଣ୍ଟିଆ, ସାଧୁଚରଣ ଖୁଣ୍ଟିଆ, ପ୍ରଫୁଲ୍ଲ ସାହୁ, ତେନ୍ତୁଲିଆ ଗ୍ରାମର ଚନ୍ଦ୍ରମଣୀ ସ୍ୱାଇଁ, ବନବିହାରୀ ସ୍ୱାଇଁ, ଦୁର୍ଯ୍ୟୋଧନ ସେନାପତି, ପ୍ରଶାନ୍ତ ଖଟେଇ, ରମେଶ ମହାପାତ୍ର, ଅକ୍ଷୟ ନାୟକ, ବିଭୁତି ଭୁଷଣ ଭୋଳ, ଗୋଠପଦା ଗ୍ରାମର ବିଭୁତିଭୁଷଣ ବେହେରାଙ୍କ ସମେତ ଶତାଧିକ ଲୋକଙ୍କ ଘର ଫନୀ ବାତ୍ୟାରେ ଭାଙ୍ଗିଯାଇଥିଲା। କେତେକଙ୍କ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲେ ମଧ୍ୟ ରାଜସ୍ୱ ନିରୀକ୍ଷକ(ଆରଆଇ) ସେମାନଙ୍କ ଦୁଆର ମାଡ଼ି ନାହାନ୍ତି। ବାତ୍ୟାର ଏକ ମାସ ବିତିଥିଲେ ମଧ୍ୟ କ୍ଷତିଗ୍ରସ୍ତ ପରିବାର ତଦନ୍ତକୁ ଅପେକ୍ଷା କରି ରହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଆରଆଇ ମନଇଚ୍ଛା ତଦନ୍ତ ତାଲିକା ପ୍ରସ୍ତୁତ କରିଥିବା ଜଣାପଡିବା ପରେ ପଞ୍ଚାୟତବାସୀ ପ୍ରତିବାଦ କରିଛନ୍ତି। ଉକ୍ତ ତାଲିକାରେ ବହୁ ଥିଲାବାଲା ଲୋକଙ୍କ ନାମ ରହିଛି। ଯେଉଁମାନଙ୍କ ଗୁହାଳ ଘର ଓ ରୋଷେଇ ଘର କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କ ନାମ ଘରଭଙ୍ଗା ତାଲିକାରେ ରହିଛି। ତେଣୁ ଏହାର ପୁନର୍ବାର ତଦନ୍ତ କରି ଉପଯୁକ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ ତାଲିକାଭୁକ୍ତ କରି ସହାୟତା ଦେବାକୁ ଦାବି ହୋଇଛି।



ବାତ୍ୟାରେ ଭାଙ୍ଗି ଯାଇଥିବା ଘର ଆଗରେ ଏକ ବିପନ୍ନ ପରିବାର।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଜୁନ୍, ୨୦୧୯



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ନାବାଳିକାଙ୍କୁ ମନ୍ଦିର ପୂଜକଙ୍କ ବଳାତ୍କାର ଅଭିଯୋଗ

**ଯାଜପୁର ଟାଉନ,୬।୬(ଡିଏନଏ):** ଜଣେ ନାବାଳିକାଙ୍କୁ ମନ୍ଦିର ପୂଜକ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ନେଇ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୬/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି।
ପ୍ରକାଶ ଯେ, ଯାଜପୁର ସଦର ଥାନା ଅନ୍ତର୍ଗତ କଚେରୀ ଗାଁ ରାଧାମୋହନଜୀଙ୍କ ମନ୍ଦିର ପୂଜକ ନିମାଇଁ ଚରଣ ପଣ୍ଡା (୫୫) ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ୭ମାସ ହେବ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକ ୭ମାସର ଗର୍ଭବତୀ ହେବା ପରେ ବିବାହ ପାଇଁ ପୂଜକଙ୍କୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଫଳରେ ନାବାଳିକାଙ୍କ ବାପା ଘଟଣା ସମ୍ପର୍କରେ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତିଙ୍କୁ ଜଣାଇଥିଲେ। ଏନେଇ ଗାଁରେ ଏକ ବୈଠକ ମଧ୍ୟ ହୋଇଥିଲା। ଘଟଣାକୁ ରଫାଦଫା କରିବା ପାଇଁ ବୈଠକରେ ଯୋଗ ଦେଇଥିବା ଭଦ୍ରବ୍ୟକ୍ତି ନାବାଳିକାଙ୍କ ବାପାଙ୍କ ଉପରେ ଚାପ ପକାଇଥିଲେ। ମାତ୍ର ଏଥିରେ ପୀଡ଼ିତାଙ୍କ ବାପା ରାଜି ନ ହୋଇ ଝିଅକୁ ପୂଜକ ବିବାହ କରନ୍ତୁ ବୋଲି ଜିଦ୍ ଧରି ବସିଥିଲେ। ଫଳରେ ଘଟଣା ଏକ ନୂଆ ମୋଡ଼ ନେଇଥିଲା। ଗାଁରୁ ନ୍ୟାୟ ନ ପାଇ ଶେଷରେ ପୀଡ଼ିତାଙ୍କ ବାପା ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର ଅଭିଯୁକ୍ତ ପୂଜକଙ୍କୁ ଗିରଫ କରାଯିବବୋଲି ଯାଜପୁର ସଦର ଥାନାଧିକାରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂଜକଙ୍କର ସ୍ତ୍ରୀ ଓ ୨ଟି ଝିଅ ଥିବାବେଳେ ସେ ସମ୍ପୃକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖୁଥିଲେ ବୋଲି କୁହାଯାଇଛି। ସମ୍ପୃକ୍ତ ଯୁବତୀଙ୍କୁ ପୋଲିସ୍ ସ୍ୱାଧାର ଗୃହରେ ଥଇଥାନ କରାଇଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ



**ବିଞ୍ଝାରପୁର,୬।୬(ଡି.ଏନ୍.ଏ.):** ବିଞ୍ଝାରପୁର ତହସିଲ ଅଞ୍ଚଳର ବିଭିନ୍ନ ବାଲିଘାଟରୁ ବେଆଇନଭାବେ ବାଲି ଉଠାଣ ହେଉଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହେଉଥିଲା। ଏହି ଅଭିଯୋଗ ପରେ ବିଞ୍ଝାରପୁର ପୋଲିସ ଗୁରୁବାର ଖରସ୍ରୋତା ନଦୀ ମନେଇଘାଟରେ ଚଢ଼ାଉକରି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଥାନାରେ ଅଟକ ରଖିଛି। ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

### ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୬।୬(ଡି.ଏନ୍.ଏ.):** କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଚଳିତ ବର୍ଷ ରଜ ମହୋତ୍ସବ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ କମିଟିର କର୍ମକର୍ତ୍ତାମାନେ ରଜ ମହୋତ୍ସବ କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କରିବା ପାଇଁ ମତାମତ ଦେଇଥିଲେ। ମହୋତ୍ସବ ସମୟରେ କୁମାରୀମାନଙ୍କ ପାଇଁ ଗୀତ, ନାଚ, ପୁଚି, ମ୍ୟୁଜିକ୍ ଚେୟାର ଓ ର୍ୟାମ୍ପ୍ ଶୋର ପ୍ରତିଯୋଗିତା ହେବା ସହ ଶ୍ରୀମତୀଙ୍କ ପାଇଁ ଶଙ୍ଖ, ହୁଳହୁଳି, ପାନ ଭଙ୍ଗା, ପିଠା, ମ୍ୟୁଜିକ୍ ଚେୟାର ଓ ଗୀତ ଆଦି ପ୍ରତିଯୋଗିତା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଉଦ୍‌ଘାଟନ ଉତ୍ସବରେ ଜଗତସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲିକ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ପୂର୍ବତନ ଏମ୍‌ପି ରୀତା ତରାଇ, ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ମିଡ଼ିଆ ସେଲ୍‌ର ଅଧ୍ୟକ୍ଷ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ କମିଟିର ଉପଦେଷ୍ଟା ପ୍ରିୟନାଥ ମହାପାତ୍ର, ଜଳଧର ମହାନ୍ତି, ନିରଞ୍ଜନ ରାଉତ, ନିର୍ମଳ ପ୍ରଧାନ, ମିନତି ପଣ୍ଡା, ରେଣୁବାଳା ଶତପଥୀ, ବିଶ୍ୱବନ୍ଦନା ଜେନା, ଜିଲାପରିଷଦ ସଭ୍ୟ ମମତା ଦଣ୍ଡପାଟ, ସୁରେଖା ନାୟକ ଓ ପ୍ରଣତୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ୭୮% କର୍ମଚାରୀ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ

**ଯାଜପୁର ଅଫିସ,୬।୬**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ୪୦ ବର୍ଷରୁ କମ୍ ନିୟମିତ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୭୮ପ୍ରତିଶତ ରେଷ୍ଟ୍ରିକ୍ଟିଭ ଲଙ୍ଗ୍‌ସ ଡିଜିଜ(ଆରଏଲ୍‌ଡି) ବା ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଯାହାକି ଅତି ସାଂଘାତିକ ଏବଂ ଦୁରାରୋଗ୍ୟ ବୋଲି ଜଣେ ବିଶେଷଜ୍ଞ ଡାକ୍ତରଙ୍କ ଠାରୁ ସୂଚନା ମିଳିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ଏମ୍‌ଟିସି, ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମରେ କାର୍ଯ୍ୟରତ କର୍ମଚାରୀଙ୍କ ବୃତ୍ତିଗତ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ସମୁଦାୟ ୧୮୭ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରୁ ୧୪୭ ଜଣ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ଥିବା ରିପୋର୍ଟରେ ଦର୍ଶାଯାଇଛି । ଯାହାକି ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି।

**ନୀଳାଚଳ ଇସ୍ପାତ ନିଗମ**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୧୫ ବର୍ଷ ମଧ୍ୟରେ ୨୫,୭୨୬ ଜଣ ବାୟୁ, ଜଳ ଓ ଧୂଳିଧୂଆଁଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନା ଅଧିକାରୀ ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଥିଲା। ଏହା କେବଳ ଯଖପୁରା ଓ ରାବଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରିପୋର୍ଟରେ ଦର୍ଶାଯାଇଥିଲା। ବିଶେଷକରି ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ ଏହାର ପ୍ରମୁଖ କାରଣ ହୋଇଥିବା ସେତେବେଳେ ମତପ୍ରକାଶ ପାଇଥିଲା। ଯଖପୁରା ଓ ମାନପୁର ରେଲୱେ ସାଇଡିଂ ସମେତ ନୀଳାଚଳ ଇସ୍ପାତ, ମୈଥାନ, ମେସ୍କୋ, ଜିନ୍ଦଲ, ବିଆର୍‌ପିଏଲ୍, ଭିସା, ରୋହିତ ଫେରୋଟେକ, ଯାଜଦାନୀ ଭଳି ରାଷ୍ଟ୍ରାୟତ୍ତ ଶିଳ୍ପସଂସ୍ଥା ପ୍ରଦୂଷଣ ନିୟନ୍ତ୍ରଣ କରିବା ଦିଗରେ ଅବହେଳା କରୁଥିବାରୁ ଏଭଳି ପରିସ୍ଥିତି ଦେଖା ଦେଇଛି। ଏବେ ନୀଳାଚଳ ଇସ୍ପାତ ନିଗମରେ କର୍ମଚାରୀଙ୍କ ଜୀବନ ବିପଦରେ ପଡ଼ିଛି। ଏହି କାରଖାନାରେ ଶତାଧିକ କର୍ମଚାରୀ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ଏସ୍‌ଆର୍‌ଏଲ୍ ଲାବୋରୋଟୋରୀ ରିପୋର୍ଟରୁ ସ୍ପଷ୍ଟ ହୋଇଛି । ଏସ୍‌ଆର୍‌ଏଲ୍ ସଂସ୍ଥାର ଜଣେ ବିଶେଷଜ୍ଞ ଡାକ୍ତର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଆର୍‌ଏଲ୍‌ଡି ହେଲେ ମଣିଷର ରକ୍ତରେ ଅମ୍ଳଜାନ ଠିକ୍‌ରେ ମିଶି ପାରେ ନାହିଁ।

**ବିପଦରେ ଶ୍ରମିକ, କର୍ମଚାରୀଙ୍କ ଜୀବନ**



ଯଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଥାଏ ଏବଂ ଅଙ୍ଗାରକ୍ଳାମ ଠିକ ଭାବେ ଛାଡ଼ି ହୁଏ ନାହିଁ। କାରଖାନାରେ ହେଉଥିବା ବାୟୁ ପ୍ରଦୂଷଣରୁ ଦୂରେଇ ରଖିବା ହେଉଛି ଏହାର ଏକମାତ୍ର ଚିକିତ୍ସା। ବୟସ ବଢ଼ିବା ମାତ୍ରେ ଏହି ରୋଗରେ ଆକ୍ରାନ୍ତ ଲୋକ ଯକ୍ଷ୍ମା, ହୃଦ୍‌ଘାତ ଆଦି ଜନିତ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ ବୋଲି ସେ କହିଛନ୍ତି। ରିପୋର୍ଟରେ ଅଧିକାଂଶ କର୍ମଚାରୀ ଆର୍‌ଏଲ୍‌ଡିରେ ଆକ୍ରାନ୍ତ ହୋଇଥିବାବେଳେ ସେଥିରୁ କେତେକ ଯକ୍ଷ୍ମା, ରକ୍ତହୀନତା, ଦୃଷ୍ଟି ଶକ୍ତି, ମଧୁମେହ, ଚର୍ମରୋଗ, ଶ୍ରବଣ ଶକ୍ତି ଆଦି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବିଶେଷକରି କାରଖାନାର ବ୍ଲାଷ୍ଟ ଫର୍ନେସ, କୋକଓଭେନ, ସିଣ୍ଟରପ୍ଲାଣ୍ଟ, ଆର୍‌ଏମ୍‌ଏଚ୍‌ଏସ୍, ପିସିଏମ(ପ୍ରିକାଷ୍ଟିଂ ମେଶିନ), ଏସ୍‌ଏମ୍‌ଏସ୍(ଷ୍ଟିଲ ମେଲ୍ଟିଂ ସପ) ଆଦି ସ୍ଥାନରୁ ବିଷାକ୍ତ ଗ୍ୟାସ ଓ ଧୂଳି ନିର୍ଗତ ହେଉଛି। ଏହାର ପ୍ରତିକାର କରିବାକୁ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷ ସେତେଟା ଗୁରୁତ୍ୱ ଦେଉ ନାହାନ୍ତି। ଖର୍ଚ୍ଚ କାଟ କରିବାକୁ ଗରିବ, ସାଧାରଣ କର୍ମଚାରୀ ଓ ଶ୍ରମିକଙ୍କ ଜୀବନକୁ ଏଠାରେ ବାଜି ଲଗାଯାଉଛି। ଅନ୍ୟପକ୍ଷେ ୪୦ବର୍ଷରୁ ଊର୍ଦ୍ଧ୍ୱ କର୍ମଚାରୀମାନଙ୍କ ସମେତ ସମସ୍ତ ଠିକା ଶ୍ରମିକଙ୍କ ବୃତ୍ତିଗତ ସ୍ୱାସ୍ଥ୍ୟପରୀକ୍ଷା କରାଯାଉ ନାହିଁ। ଏହା ସରକାରୀ ନିୟମକୁ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏପରିକି ବୃତ୍ତିଗତ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ ବ୍ୟବଧାନରେ ହେଉ ନାହିଁ। ଫଳରେ କାରଖାନାର ଧୂଳିଧୂଆଁରେ ପ୍ରଭାବିତ କର୍ମଚାରୀ ଓ ଠିକାଶ୍ରମିକଙ୍କ ଜୀବନ ବିପଦାପନ୍ନ ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଏଠାରେ ରହିଥିଲେ ହେଁ କାରଖାନାର ପ୍ରଦୂଷଣ ଉପରେ ସେତେଟା ପରୀକ୍ଷା ନୀରିକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଏଭଳି ପରିସ୍ଥିତି ଦେଖାଯାଉଥିବା ମତପ୍ରକାଶ ପାଉଛି। ଏସଂକ୍ରାନ୍ତରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି କାରଖାନାଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନରେ ଯାଇ ପ୍ରଦୂଷଣ ଉପରେ ତଦନ୍ତ କରାଯାଉଛି । ଯେଉଁଠି ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରାଯାଉଛି ସେଠାରେ ସଂପୃକ୍ତ ଶିଳ୍ପ କମ୍ପାନୀକୁ ତାଗିଦ କରାଯାଉଛି । ସମସ୍ତ କାରଖାନାରେ ବାୟୁ ଓ ଜଳ ମାନର ଯାଞ୍ଚ ମେଶିନ(ଏକ୍ୟୁଏମ୍‌ଏସ୍) ଲଗାଯାଇଛି । ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଏସଂକ୍ରାନ୍ତରେ ନୀଳାଚଳ ଇସ୍ପାତର ଲୋକ ସମ୍ପର୍କ ଅଧିକାରୀ ସନ୍ଦୀପ୍ତ କୁମାର ସେଠୀଙ୍କ କହିବା ହେଲା ଏହି ପ୍ରସଙ୍ଗଟି ଯେହେତୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗ ସହିତ ଜଡ଼ିତ। ତେଣୁ ଉକ୍ତ ବିଭାଗ ସହ ଆଲୋଚନା କରି ଉପଯୁକ୍ତ ମତାମତ ଦିଆଯାଇ ପାରିବ।

### ୫ଦଫା ଦାବିରେ ମୋଟର ଚାଳକ ସଂଘର ଆନ୍ଦୋଳନ

**ଯାଜପୁର ଟାଉନ,୬।୬(ଡିଏନଏ)**

ଓଡ଼ିଶା ମୋଟର ଚାଳକ ସଂଘର ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ମୋଟର ଚାଳକ ସଂଘ କଲ୍ୟାଣପାଣ୍ଠି ଓ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯିବା ଆଦି ୫ଦଫା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି। ଗୁରୁବାର ଆଙ୍କୁଲା ଛକ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ମୋଟର ଚାଳକ ସଂଘ ସଭ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ୫ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଯାଜପୁର ମୋଟର ଚାଳକ ସଂଘ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅସଂଗଠିତ ଡ୍ରାଇଭରଙ୍କ କଲ୍ୟାଣ ଆଇନ୍ ପ୍ରଣୟନ କରାଯାଇ କଲ୍ୟାଣପାଣ୍ଠି ଓ ବୋର୍ଡ ଗଠନ କରିବା ସହ ସମସ୍ତ ଅସଂଗଠିତ କ୍ଷେତ୍ର ଡ୍ରାଇଭରଙ୍କୁ ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକୃତ କରାଯାଇ କାର୍ଡ ପ୍ରଦାନ କରିବା, ସମସ୍ତ ଡ୍ରାଇଭରଙ୍କୁ ସାମାଜିକ ସୁରକ୍ଷା ତଥା ଗୃହନିର୍ମାଣ, ସ୍ୱାସ୍ଥ୍ୟ ସୁବିଧା, ସେମାନଙ୍କ ପିଲାଙ୍କୁ ଶିକ୍ଷା ସୁବିଧା ଆଦି ଦିଆଯିବା ଆଦି ୫ଦଫା ଦାବି କରାଯାଇଥିଲା। ମୋଟର ଚାଳକ ସଂଘ ସଭାପତି ଭରତ ଚନ୍ଦ୍ର ଦାସ, ସମ୍ପାଦକ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ କମଳାକାନ୍ତ ବେହେରା, ମଙ୍ଗଳ ଚରଣ ବେହେରା, ଦିଲୀପ ମହାନ୍ତଙ୍କ ସମେତ ଶତାଧିକ ଡ୍ରାଇଭର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଜିଲାର ୫ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ।

### ମେଗା ପ୍ରକଳ୍ପ ଉପରେ ସମୀକ୍ଷା

## ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ

**ଯାଜପୁର ଅଫିସ,୬।୬**

ସାଧାରଣ ନିର୍ବାଚନ ଫଳାଫଳ ପରେ ପରେ ଯାଜପୁର ଜିଲା ପ୍ରଶାସନ ଏକ ପ୍ରକାର ଆକ୍ସନ ମୁଡକୁ ଆସିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ମେଗା ପ୍ରକଳ୍ପଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦାସ କହିଥିଲେ ଯେ, ପ୍ରକଳ୍ପଗୁଡିକ ସାଧାରଣ ଲୋକମାନଙ୍କ ସେବାରେ ଉପଲବ୍ଧ ହେଉଥିବାରୁ ଏହାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ଆବଶ୍ୟକ। ଅଗ୍ରାଧିକାର ଭିତ୍ତିରେ ମେଡିକାଲ କଲେଜ, ମୁଖ୍ୟ ଚିକିତ୍ସାଳୟ, ଆର୍‌ଏମ୍‌ସି ଗୋଦାମଘର ଓ ପ୍ରଶାସନିକ ଭବନକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନାବାର୍ଡ ସହାୟତାରେ ଜାରକା ଜଳ ସମ୍ପଦ ଡିଭିଜନ ପକ୍ଷରୁ ବ୍ରାହ୍ମଣୀ ବାମପାର୍ଶ୍ୱ ୨୦୦ନମ୍ବର ଜାତୀୟ ରାଜପଥର ପଙ୍କପାଳଠାରୁ ଚକୁଆ ପର୍ଯ୍ୟନ୍ତ ୪୯୪.୨୮ ଲକ୍ଷ ଟଙ୍କାର ଉନ୍ନତିକରଣ କାର୍ଯ୍ୟ ଚାଲିଛି। ସେହିପରି କେଲୁଆ ବାମପାର୍ଶ୍ୱ ନଦୀବନ୍ଧ ନରସିଂହପୁରଠାରୁ ନୀରଘାଟ ଏବଂ ରାହାପଡ଼ାଠାରୁ ମୋହନପୁର ଉନ୍ନତିକରଣ କାର୍ଯ୍ୟ ୪୯୮.୬୬ଲକ୍ଷ ଟଙ୍କାର କାମ ଚାଲିଛି। ଯାହାକି ଚଳିତ ମାସ ଶେଷସୁଦ୍ଧା ଶେଷ ହୋଇଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ଯାଜପୁର ଜଳସେଚନ ଡିଭିଜନ ପକ୍ଷରୁ ୧୩୮୭୨.୬୫ ଲକ୍ଷ ଟଙ୍କା ବ୍ୟୟରେ ୧୩ଟି ପ୍ରକଳ୍ପ ଚାଲିଛି। ଏଥିରୁ ୮ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଥିବାବେଳେ ଅନ୍ୟଗୁଡିକ ଖୁବଶୀଘ୍ର ଶେଷ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟଗୁଡ଼ିକର କାର୍ଯ୍ୟର ସମୀକ୍ଷା ସହ ଯଥାଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ପ୍ରକଳ୍ପଗୁଡିକର ପୂର୍ଣ୍ଣାଙ୍ଗରେ ବିଳମ୍ବ ହେଲେ ପ୍ରକଳ୍ପର ମୂଲ୍ୟ ବୃଦ୍ଧି ସହ ସାଧାରଣ ଲୋକମାନଙ୍କ ସମସ୍ୟା ସମାଧାନରେ ସହାୟକ ହେବ ନାହିଁ। ତେଣୁ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପର ପୂର୍ଣ୍ଣାଙ୍ଗ ପାଇଁ ଜମି ବିବାଦ ରହିଥିଲେ ତହସିଲଦାରମାନେ ତାହାର ସମାଧାନ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡି ଜିଲା ଉପସଭାପତି ବହିଷ୍କୃତ

**ଯାଜପୁର ଟାଉନ,୬।୬(ଡିଏନଏ)**

ଯାଜପୁର ବିଜେଡି ଜିଲା ଉପସଭାପତି ତଥା ସୁକିନ୍ଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାତ୍ରଙ୍କୁ ଦଳ ବିରୋଧି କାର୍ଯ୍ୟ ଯୋଗୁ ପଦବୀରୁ ବହିଷ୍କୃତ କରାଯାଇଛି। ଏହା ସହିତ ତାଙ୍କର ପ୍ରାଥମିକ ସଭ୍ୟ ପଦ ରଦ୍ଦ କରାଯାଇଛି। ପ୍ରଶାନ୍ତ ୨୦୧୯ ସାଧାରଣ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଦଳୀୟ କର୍ମୀମାନେ ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଥିଲେ। ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓ ପ୍ରଫୁଲ୍ଲ ଘଡ଼େଇଙ୍କ ବିରୋଧରେ ମନ୍ତବ୍ୟ ଦେବା ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ଏହାକୁ ଅନୁଧ୍ୟାନ କରାଯାଇଥିଲା। ଗୁରୁବାର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ତାଙ୍କୁ ପ୍ରାଥମିକ ସଭ୍ୟପଦରୁ ରଦ୍ଦ କରିବା ସହ ଉପସଭାପତି ପଦରୁ ବହିଷ୍କାର କରି ଏକ ପ୍ରେସ୍‌ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

### ଡାକଘରୁ ହେଡ୍ ପୋଷ୍ଟମାଷ୍ଟର ଆସବାବପତ୍ର ଲୁଟି ନେଇଥିବା ଅଭିଯୋଗ

## ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ହେଲା କର୍ମଚାରୀ ସଂଘ

**ଯାଜପୁର ଟାଉନ,୬।୬(ଡିଏନଏ)**

ଯାଜପୁର ମୁଖ୍ୟ ଡାକଘରର ହେଡ୍ ପୋଷ୍ଟମାଷ୍ଟର ପ୍ରମୋଦ କୁମାର ହୋତା କାର୍ଯ୍ୟାଳୟର ଆସବାବପତ୍ର ଓ ବିଭିନ୍ନ କମ୍ପ୍ୟୁଟର ସାମଗ୍ରୀ ନେଇ ପଳାଇ ଯାଇଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ କର୍ମଚାରୀ ସଂଘର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ତଥା ଏନ୍‌ଏପିଇର କଟକ ନର୍ଥ ଡିଭିଜନ (ଜିଆର-ସି)ର ଡିଭିଜନାଲ ସେକ୍ରେଟାରୀ ଅତୁଲ୍ୟ କୁମାର ଦାସ ପୋଷ୍ଟମାଷ୍ଟର ହୋତାଙ୍କ ନାମରେ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ସନ୍ତୋଷ କୁମାର କାମିଲା ଏବଂ ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ କୁମାର ସାମଲଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି । ଦାସଙ୍କ ଅଭିଯୋଗ ଅନୁଯାୟୀ, ମେ ୭ରେ ହେଡ୍ ପୋଷ୍ଟମାଷ୍ଟର ହୋତା ପୁରୁଣା ରେକର୍ଡକୁ ଅଦରକାରୀ ଦର୍ଶାଇ ୨୦ କୁଇଣ୍ଟାଲରୁ ଅଧିକ କାଗଜପତ୍ର ଓ କମ୍ପ୍ୟୁଟର ସାମଗ୍ରୀ ନେଇଯାଇଥିଲେ। ଏହାକୁ କବାଡ଼ିଆ ଦୋକାନରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ମେ ୧୦ରେ କିଛି ଲୌହ ସାମଗ୍ରୀ, ଆଲୁମିନିୟମ ଚ୍ୟାନେଲ, ପୁରୁଣା ବ୍ୟାଟେରୀ ଓ ଷ୍ଟାବ୍ଲାଇଜର, ମୋଟର ଇତ୍ୟାଦି ଏକ ପିକଅପ୍ ଭ୍ୟାନରେ ଲଦି ନେଇଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ଗତ ୫ ତାରିଖ ମଧ୍ୟ ଇଦ୍ ଛୁଟି ଥିବାବେଳେ ଅତି ସକାଳୁ କର୍ମଚାରୀ ଏବଂ ସହକାରୀ ପୋଷ୍ଟମାଷ୍ଟରଙ୍କ ଅନୁପସ୍ଥିତିରେ କିଛି କମ୍ପ୍ୟୁଟର ସାମଗ୍ରୀ ଓ କାର୍ଯ୍ୟାଳୟର ଆସବାବ ପତ୍ର ହୋତା ନେଇ ଯାଇଥିବା ଦାସ ଅଭିଯୋଗ କରିଛନ୍ତି। ହୋତାଙ୍କର ଇତି ମଧ୍ୟରେ ଜଗତସିଂହପୁରକୁ ବଦଳି ହୋଇଯାଇଥିବାବେଳେ ଆସବାସପତ୍ର ପରିବହନ ଆଳରେ ମୁଖ୍ୟ ଡାକଘରର ଲକ୍ଷାଧିକ ଟଙ୍କାର ସାମଗ୍ରୀକୁ ଲୁଟି ନେଇଥିବା ଦାସ ଓ ଅନ୍ୟ କେତେଜଣ କର୍ମଚାରୀ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ମଧ୍ୟ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ସମ୍ପୃକ୍ତ ପୋଷ୍ଟମାଷ୍ଟର ହୋତାଙ୍କୁ ପଚାରିବାରୁ, ସେ ଏଭଳି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହିତ କେବଳ ନିଜ ବ୍ୟବହୃତ ଆସବାସପତ୍ର ବଦଳି ହୋଇଥିବା ସ୍ଥାନକୁ ପରିବହନ କରି ଆଣିଛନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଦାସ ଏକ ୟୁନିଅନର କର୍ମକର୍ତ୍ତା ହୋଇଥିବାବେଳେ ସେ ନିଜେ ଅନ୍ୟ ଏକ ୟୁନିଅନର ସଭ୍ୟ ଅଟନ୍ତି। ତେଣୁ ୟୁନିଅନକୁ ନେଇ ଚାଲିଥିବା ରାଜନୀତିରେ ତାଙ୍କୁ ଛନ୍ଦି ଦିଆଯିବାକୁ ଉଦ୍ୟମ କରାଯାଇଛି ବୋଲି ହୋତା କହିଛନ୍ତି।

## ପୋଲିସକୁ ଖୋଲା ଚ୍ୟାଲେଞ୍ଜ: ଥାନା ସମ୍ମୁଖରୁ ୩.୫୦ ଲକ୍ଷ ଟଙ୍କା ଲୁଟ୍

**ଯାଜପୁର ଟାଉନ,୬।୬(ଡିଏନଏ)**

ଯାଜପୁର ସହରରେ ଦିନକୁ ଦିନ ରାହାଜାନି, ଛିନ୍‌ତାଇ ବଢ଼ିବାରେ ଲାଗିଥିବାବେଳେ ଗୁରୁବାର ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ଲୁଟେରା ଥାନା ସାମ୍ନାରୁ ୩ଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ଏ ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଯାଜପୁରସହର ବୃନ୍ଦାବନପୁର ଗ୍ରାମର ଶିକ୍ଷକ ରବିନାରାୟଣ ରଥ ତାଙ୍କ ଝିଅ ବାହାଘର ପାଇଁ ଯାଜପୁର ଷ୍ଟେଟ୍ ବ୍ୟାଙ୍କରୁ ଗୁରୁବାର ୩ଲକ୍ଷ ୫୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ସମୟରେ ଯାଜପୁର ଥାନା ସମ୍ମୁଖରେ ଗାଡ଼ି ରଖି ତାଙ୍କ ଭାଇଙ୍କ ପାସ୍‌ପୋର୍ଟ କଥା ବୁଝିବା ପାଇଁ ଥାନାକୁ ଯାଇଥିଲେ। କିଛି ସମୟ ପରେ ଆସି ତାଙ୍କ ଗାଡି ଡ଼ିକି ଭଙ୍ଗାଯାଇ ସମସ୍ତ ଟଙ୍କା ଲୁଟ୍ ହୋଇଯାଇଥିବା ଦେଖିଥିଲେ। ଏ ସମ୍ପର୍କରେ ରଥ ଥାନାରେ ଲିଖିତ ଏତଲା ଦେବାପରେ ପୋଲିସ ଏକ ମାମଲା (ନଂ. ୧୪୬ / ୧୯) ରୁଜୁ କରିଛି। ଏହି ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା ସ୍କୁଲ ପିଅନଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି। ସୂଚନା ଥାଉକି, ଗତ ୨୯ ତାରିଖ ଯାଜପୁରସହର କୋର୍ଟ ନିକଟରୁ ଗାଡି ଡିକି ଭାଙ୍ଗି ୮୦ହଜାର ଟଙ୍କା ଲୁଟ୍ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଲୁଟେରାଙ୍କର ପୋଲିସ କୌଣସି ସୁରାକ୍ ପାଇ ନ ଥିବାବେଳେ ଥାନା ସମ୍ମୁଖରୁ ଲୁଟ୍ ହେବା ଘଟଣା ପରେ ସହରବାସୀ ଛାନିଆ ହୋଇଯାଇଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ଯାଜପୁର ସହରରେ ରାହାଯାନୀ, ଛିନ୍‌ତାଇ, ଚୋରି ଆଦି ଘଟୁଥିଲେ ମଧ୍ୟ ପୋଲିସ ପ୍ରଶାସନ ଏହାକୁ ରୋକିବା ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଜଣାପଡିଛି।

### ଜାତୀୟ ରାଜପଥ ପାର୍ଶ୍ୱରେ ପ୍ରସ୍ତାବିତ ମଦଦୋକାନକୁ ବିରୋଧ

## ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

**ଜେନାପୁର,୬।୬(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ବ୍ରାହ୍ମଣୀ ବ୍ରିଜ୍ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଏକ ସରକାରୀ ମଦ ଦୋକାନ ଖୋଲିବା ନେଇ ମସୁଧା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମଧ୍ୟ ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏକ ବିଜ୍ଞପ୍ତି ଜାରି କରିଛି । ଏହି ବିଜ୍ଞପ୍ତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଗୁରୁବାର ଚକ୍ରଧରପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୁସନପୁରଠାରେ ଖୋଲାଯିବାକୁ ଥିବା ଉକ୍ତ ମଦ ଦୋକାନକୁ ବିରୋଧ କରାଯାଇଛି। ଶୁକ୍ରବାର ଏ ବାବଦରେ ଜିଲାପାଳଙ୍କୁ ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଏଥିସହ ମଦ ଦୋକାନ ପୁନର୍ବାର ଖୋଲିବାକୁ ଚେଷ୍ଟା କରାଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯେ, ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୯୦୬/୨୭।୫।୨୦୧୯ରେ ଜନସାଧାରଣଙ୍କଠାରୁ ଅଭିଯୋଗ ପ୍ରାପ୍ତି ନିମନ୍ତେ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତର ବ୍ରାହ୍ମଣୀ ବ୍ରିଜ(ଚକ୍ରଧରପୁର)ରେ ଥିବା କୁସୁନପୁର ପ୍ଲଟ ନଂ ୧୧୭୫, ଖାତା ନଂ.୨୮୩ରେ ମଦ ଦୋକାନ ଖୋଲିବାକୁ ସୁପାରିସ କରାଯାଇଛି। ଜିଲାପାଳଙ୍କ ଦସ୍ତଖତରେ ଜାରି ଏହି ନୋଟିସରେ ପୂର୍ବ ମଦ ଦୋକାନର ଅବସ୍ଥିତିଠାରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ପ୍ରସ୍ତାବ ରଖାଯାଇଛି। ପୂର୍ବରୁ ଉକ୍ତ ମଦ ଦୋକାନକୁ ଦଳଗାଁଠାରେ କରାଯିବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ହେଲେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଜିଲାପାଳ ବ୍ୟବସାୟୀଙ୍କ ଲାଇସେନ୍ସ ବାତିଲ କରିଥିଲେ। ଏବେ ଉକ୍ତ ବ୍ୟବସାୟୀ କିଛି ଲୋକଙ୍କୁ ହାତବାରିସି କରି ଦୋକାନ ଖୋଲିବା ନେଇ ଯୋଜନା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ରଜତ୍ କୁମାର ପ୍ରହରାଜ କହିଛନ୍ତି, ପ୍ରସ୍ତାବିତ ମଦ ଦୋକାନକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଥିବା ଅଭିଯୋଗ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବର୍ଜ୍ୟବସ୍ତୁ ପରିଚାଳନା ଚିନ୍ତା ଘାରିଲା

## ଏଣେତେଣେ ଅଳିଆ ଫିଙ୍ଗିଲେ ଜରିମାନା

**ଯାଜପୁର ଅଫିସ,୬।୬**




ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

ପରିବେଶକୁ ସ୍ୱାସ୍ଥ୍ୟକର ଓ ନିର୍ମଳ ରଖିବା ପାଇଁ ପରିମଳ ସେବା ନିତ୍ୟାନ୍ତ ଜରୁରୀ। ଏଥିପାଇଁ ବର୍ଯ୍ୟବସ୍ତୁ ପରିଚାଳନା ଏକ ବିରାଟ ଦାୟିତ୍ୱ ଭାବେ ଉଭା ହୋଇଛି। ଏହାକୁ କେବଳ ସରକାର ବା ପ୍ରଶାସନିକସ୍ତରରେ ସମାଧାନ କରାଯାଇ ପାରିବ ନାହିଁ। ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ଗୁରୁବାର ପୂର୍ବାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଯାଜପୁର ପୌର ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ସାଧାରଣରେ ଏକ ଧାରଣା ରହିଛି ଯେ, ଅଳିଆ ଆବର୍ଜନା ସୃଷ୍ଟି ବ୍ୟକ୍ତିର ଅଧିକାର ଓ ଦାୟିତ୍ୱ, ଆଉ ଏହାକୁ ସଫା ବା ସୁସ୍ଥ ରଖିବା ପ୍ରଶାସନ କିମ୍ବା ପୌର ପ୍ରଶାସନର ଦାୟିତ୍ୱ । କିନ୍ତୁ ସେମାନେ ଭୁଲି ନ ଯିବା ଦରକାର ଯେ, ନିଜ ଘର ଓ ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବା ମଧ୍ୟ ସେହି ଅଞ୍ଚଳର ଅଧିବାସୀଙ୍କ ଦାୟିତ୍ୱ। ଏଣିକି ଅଳିଆ ବାହାରେ ଫିଙ୍ଗିଲେ ସେଥିପାଇଁ ଜରିମାନାର ବ୍ୟବସ୍ଥା ହେବ । ଇଟା ଗୋଡି ଇତ୍ୟାଦି ସର୍ବ ସାଧାରଣ ରାସ୍ତାରେ ଗଦା ହୋଇଥିଲେ କିମ୍ବା ମଇଳା ଆବର୍ଜନା ଏଣେତେଣେ ପକାଯାଇଥିଲେ ସମ୍ପୃକ୍ତ ଲୋକଙ୍କଠାରୁ ତୁରନ୍ତ ଜରିମାନା ଆଦାୟ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ । ଶୁକ୍ରବାର ସକାଳେ ଘରକୁ ଘର ବୁଲି ଏହି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦାସ କହିଥିଲେ । କୁସୁମା ପୋଖରୀ ଭଳି ଆହୁରି ୧୦ ଟି କୁସୁମା ଢାଞ୍ଚାରେ ପୁଷ୍କରିଣୀର ବ୍ୟବସ୍ଥା କରାଯାଇଛି ବୋଲି କହିବା ସହ ଆବର୍ଜନା ଗୁଡିକୁ ବିଭେଦକରଣ ହିସାବରେ ଅର୍ଥାତ୍ କିଏ ମାଟିରେ ମିଶିବ, କିଏ କଠିନ ବର୍ଜ୍ୟବସ୍ତୁରେ ରହିବ ସେହି ପ୍ରକାରେ ଆବର୍ଜନା କୁଣ୍ଡରେ ପକାଇବାକୁ ଅନୁରୋଧ କରିଥିଲେ। ଜିଲା ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ବର୍ଜ୍ୟବସ୍ତୁର ସଫଳ ପରିଚାଳନା ପାଇଁ ନିର୍ଦ୍ଦେଶ କରିଛି। ତେଣୁ ପ୍ରତ୍ୟେକ ବର୍ଜ୍ୟବସ୍ତୁର ବିଭାଗୀକରଣ କରାଯାଇ ତାହାର ପରିଚାଳନା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ। ସହରାଞ୍ଚଳର ବିଭିନ୍ନ ସ୍ଥାନରେ ୩୦୦ଟି ଗର୍ତ୍ତ କରାଯାଇ ଏହି ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ବ୍ୟବହୃତ ହେବ ଓ ବର୍ତ୍ତମାନ ସୁଦ୍ଧା ୪୦ଟି ସ୍ଥାନ ଚିହ୍ନଟ ହୋଇ ଉପଯୋଗ କରାଯିବ। ଏଥିରେ ଜନସାଧାରଣ ସହଯୋଗ କରିବାକୁ ବେହେରା ଅନୁରୋଧ କରିଥିଲେ । ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଯାଜପୁର ପୌର ପ୍ରଶାସନର ଓଏସ୍‌ଡି ସୁଦର୍ଶନ ମିଶ୍ର, ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ୨ ଗୁରୁତର

ଡେରାବିଶ, ୬।୬ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ କାଳବୈଶାଖି ଯୋଗୁ ପ୍ରବଳ ବର୍ଷାପବନ ହେବା ସହ ବଜ୍ରପାତ ଘଟିଥିଲା। ଏହି ସମୟରେ ବଜପାତରେ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ବ୍ଲକ ଅଧୀନ ହରିଅଙ୍କ ପଞ୍ଚାୟତ ମୁଣ୍ଡାଲୋ ଗ୍ରାମର ସୁରେନ୍ଦ୍ର ବାରିକ (୫୦) ଓ ସୁରେନ୍ଦ୍ର ସ୍ୱାଇଁ (୨୫)। କାଳବୈଶାଖି ଯୋଗୁ ସୁରେନ୍ଦ୍ର ସ୍ୱାଇଁ ଓ ସୁରେନ୍ଦ୍ର ବାରିକଙ୍କ ସହ ଆଉ କେତେଜଣ ଗ୍ରାମ ନିକକଟ ଅଲେଖ ଟୁଙ୍ଗି ପିଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେହି ସ୍ଥାନରେ ବଜ୍ରପାତ ହେବାରୁ ସୁରେନ୍ଦ୍ର ବାରିକ ଓ ସୁରେନ୍ଦ୍ର ସ୍ୱାଇଁ ଅଚେତ ହୋଇ ପଡିଯାଇଥିଲେ। ଉଭୟଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସୁରେନ୍ଦ୍ର ସ୍ୱାଇଁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଅଗ୍ନିବିପନ୍ନଙ୍କୁ ବିଧାୟକଙ୍କ ସହାୟତା

ରାଜନଗର, ୬।୬(ଡି.ଏନ.ଏ.): ରାଜନଗର ବ୍ଲକ ଅନ୍ତର୍ଗତ କାଠପଙ୍ଗରା ଗ୍ରାମର ଅଗ୍ନି ବିପନ୍ନ ଅଭିମନ୍ୟୁ ଦାସଙ୍କ ପରିବାରକୁ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଇତିମଧ୍ୟରେ ଭେଟିଛନ୍ତି । ସେ ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡରେ ଅଭିମନ୍ୟୁଙ୍କ ୪ ବଖରା ସହ ୧୫ କୁଇଣ୍ଟାଲ ଧାନ , ନଗଦ ୫୦ ହଜାର ଟଙ୍କା ଓ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ରାଜନଗର ବିଧାୟକ ସାହୁ ବିପନ୍ନ ପରିବାର କିପରି ସରକାରୀ ସହାୟତା ପାଇବେ ସେ ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ , ଉପସଭାପତି ନିରଞ୍ଜନ ରାଉତ , ନାଏବ ସରପଞ୍ଚ ମାଗେଶ୍ୱର ଖଟୁଆ , ଯୁବନେତା ଏକାଦଶୀ ବେହେରା , ରଶ୍ମିରଞ୍ଜନ ସାହାଣୀ , ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ପ୍ରଶାନ୍ତ କୁମାର ରାଉତ , ଯୁବନେତା ବିକ୍ରମ ବାରିକ , ରାଜେନ୍ଦ୍ର ପଢ଼ିହାରୀ , ରୋହିତ ରାଉତ ପ୍ରମୁଖ ବିଧାୟକଙ୍କ ସହିତ ବିପନ୍ନ ପରିବାରକୁ ଭେଟିଥିଲେ।

# ଜମିବାଡ଼ି ବିବାଦକୁ ନେଇ ହତ୍ୟା: ରାସ୍ତାରୋକୋ

ମାର୍ଶାଘାଇ, ୬।୬ (ଡିଏନଏ)

ବୁଧବାର ଜମିବାଡି ବିବାଦକୁ ନେଇ ମାର୍ଶାଘାଇ ବ୍ଲକ ବଡପାଳ ରଣସିଂ ସାହିରେ ଏକ ହତ୍ୟାକାଣ୍ଡ ଘଟିଛି । ଏହି ଗ୍ରାମର କୁଞ୍ଜ ବିହାରୀ ନାୟକଙ୍କୁ ତାଙ୍କର ପଡୋଶୀ ଏବଂ ତାଙ୍କ ଦୁଇ ପୁଅ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ଜଣାପଡିଛି। ଏହି ଘଟଣାରେ ବାପ ଓ ସାନପୁଅ ଥାନାରେ ଅଟକ ଥିବା ବେଳେ ବଡପୁଅ ଫେରାର ଅଛି । ତେବେ ଫେରାର ଅଭିଯୁକ୍ତକୁ ଗିରଫ ଦାବିରେ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଲୋକେ ୫ ନଂ (କ) ଜାତୀୟ ରାଜପଥର କୁଆଁରପାଳ ଛକ ନିକଟରେ ମୃତଦେହ ରଖି ରସ୍ତାରୋକୋ କରିଥିଲେ । ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା ।

ଘଟଣାରୁ ପ୍ରକାଶ ଯେ, କୁଞ୍ଜ ବିହାରୀ (୫୮)ଙ୍କ ଜାଗାରେ ପଡୋଶୀ ଜଣକ ଜୋରଜବରଦସ୍ତ କୋଠା ଘର ତିଆରି କରୁଥିଲେ । କୁଞ୍ଜ ଏହାର ପ୍ରତିବାଦ କରି କୋର୍ଟର ଆଶ୍ରୟ ନେଇଥିଲେ। ବୁଧବାର ସକାଳେ ମାର୍ଶାଘାଇ ପୋଲିସ କୋର୍ଟରୁ ଆସିଥିବା ନୋଟିସ ଉଭୟ ପକ୍ଷକୁ ଦେଇ ଆସିଥିଲେ। ନୋଟିସ ପାଇବା ପରେ ପଡୋଶୀ ଓ ତାଙ୍କ ଦୁଇ ପୁଅ ଉତ୍କ୍ଷିପ୍ତ ହୋଇ କୁଞ୍ଜଙ୍କୁ ଖୋଜିଥିଲେ। ବୁଧବାର ଅପରାହ୍ନରେ କୁଞ୍ଜ ବିଲରେ ଚରୁଥିବା ବାଛୁରୀକୁ ଆଣିବାକୁ ଯାଇଥିବା ସମୟରେ ଗ୍ରାମର ଏକ ବାଉଁଶବୁଦା ନିକଟରେ ପୂର୍ବରୁ ଲୁଚି ରହିଥିବା ପଡୋଶୀଙ୍କ ଦୁଇ ପୁଅ ଧାରୁଆ ଅସ୍ତ୍ରରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କର ବାମ ହାତ ଓ ଶରୀରର ଅନେକ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ରାତି ପ୍ରାୟ ୧୧ଟାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯିବା ବେଳେ ବାଟରେ କୁଞ୍ଜଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପତ୍ନୀ ଖୁଲଣା ସୁନ୍ଦରୀ ନାୟକ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ୧୪୧/୧୯ନଂରେ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତ ବାପ ଓ ସାନପୁଅକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟତମ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗୁରୁବାର ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ରଣସିଂ ସାହିର ଶତାଧିକ ଲୋକ ରାସ୍ତାରୋକୋ କରିଥିଲେ। ଖବରପାଇ ଥାନାଧିକାରୀ କାଳନ୍ଦୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ଫେରାର ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।


ମୃତଦେହ ରଖି ରାସ୍ତାରୋକୋ।

### ଫୁଲ ତୋଳିବାକୁ ଯାଇ ବଜ୍ରପାତରେ ବୃଦ୍ଧ ମୃତ

ମାର୍ଶାଘାଇ, ୬।୬ ( ଡିଏନଏ)

ଫୁଲ ତୋଳିବାକୁ ଯାଇ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ମାର୍ଶାଘାଇ ବ୍ଲକ ଗରଜଙ୍ଗା ଗ୍ରାମର ଶରତ ଚନ୍ଦ୍ର ମହାନ୍ତି (୬୭) ସବୁଦିନ ପରି ଗୁରୁବାର ଭୋର ସମୟରେ ଫୁଲ ତୋଳିବାକୁ ଯାଇଥିଲେ । ରାତିରେ ବର୍ଷା ହୋଇ ଛାଡିଥିଲେ ମଧ୍ୟ ଘଡଘଡି ମାରୁଥିଲା। ଘଡଘଡିକୁ ଖାତିର ନ କରି ଶରତ ଫୁଲ ତୋଳିବାକୁ ଯାଇଥିଲେ। ସକାଳ ହେବା ପରେ ବି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘର ପାଖ ପୋଷ୍ଟ ଅଫିସ ନିକଟରେ ପଡିଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାର୍ଶାଘାଇ ପୋଲିସ ଏ ନେଇ ୯/୧୯ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଥାଉ କି , ଶରତ ଗରଜଙ୍ଗା ଶାଖା ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ।

## ଶ୍ମଶାନରୁ ବେଆଇନ ମାଟି ଉଠାଣ
# ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

ଡେରାବିଶ, ୬।୬ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅଧୀନ ରଜାଙ୍ଗ ଗ୍ରାମ ଶ୍ମଶାନରୁ ବେନିୟମ ଭାବେ ମାଟି ଖୋଳା ଯାଉଥିବା ନେଇ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାଠାରୁ ରଜାଙ୍ଗ ଦେଇ କେଶରପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣ ଦ୍ୱିତ୍ୱରେ ଥିବା ଠିକାସଂସ୍ଥା ରଜାଙ୍ଗ ଗ୍ରାମ ଶ୍ମଶାନରୁ ବେନିୟମ ଭାବେ ମାଟି ନେଇ ଉକ୍ତ ରାସ୍ତାକାର୍ଯ୍ୟରେ ଲଗାଉଛନ୍ତି। ଗ୍ରାମର କେତେଜଣ ଲୋକ ଠିକାଦାରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିବାରୁ ଗ୍ରାମର ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ଡେରାବିଶ ତହସିଲଦାରଙ୍କୁ ଜଣାଇଥିଲେ। ଏହାପରେ ମାଟି ଖୋଳା କାର୍ଯ୍ୟ ବନ୍ଦ କରିବାକୁ ତହସିଲଦାର ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଫଳରେ ଗ୍ରାମବାସୀ ଶ୍ମଶାନରୁ ମାଟିଖୋଳା କାର୍ଯ୍ୟ ବନ୍ଦ କରାଇଥିଲେ। ହେଲେ ଠିକାଦାରଜଣକ ପୁନର୍ବାର ମାଟି ଖୋଳି ନେବାକୁ ମସୁଧା କରୁଛନ୍ତି। ଏହାକୁ ବନ୍ଦ କରିବା ପାଇଁ ରମେଶ ଚନ୍ଦ୍ର ପଣ୍ଡାଙ୍କ, ଅନନ୍ତ ଚରଣ ଘଡ଼େଇ, ବାବାଜି ଭୂୟାଁ, ବୈରାଗୀ ଚରଣ ପଣ୍ଡା, କାଶୀନାଥ ଜେନା, ରଘୁନାଥ ପଣ୍ଡା, ତପନ ଘଡ଼େଇ, ଝରଣା ଘଡ଼େଇ, ବବ୍ରୁବାହାନ ସ୍ୱାଇଁ, ସାଉଁଟି ଘଡ଼େଇ ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।


ଶ୍ମଶାନରୁ ବେଆଇନ ମାଟି ଖୋଳା ଯାଉଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଈ ମୃତ

ଡେରାବିଶ, ୬।୬ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ଛତା ସେକ୍ସନ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଚରମ ଅବହେଳା ଯୋଗୁ ଗୁରୁବାର ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସସ୍ପର୍ଶରେ ଆସି ଏକ ଗର୍ଭଣୀ ଗାଈର ମୃତ୍ୟୁ ଘଟିଛି। ଚାଟରାଚକଡା ପଞ୍ଚାୟତ ଅଧୀନ ଓଲଢ଼ି ଗ୍ରାମର ସଞ୍ଜୟ ବେହେରାଙ୍କ ନିକଟସ୍ଥ ୧୧ ନଂ. କେନାଲ ନିକଟରେ ଚରୁଥିବା ବେଳେ ତଳେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସସ୍ପର୍ଶରେ ଆସିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଗାଈଟିର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଯାଇଥିଲା। ପରେ ଗ୍ରାମବାସୀ ଛତାସ୍ଥିତ ଏନଜେନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ଦେଇଥିଲେ। ବିଭାଗୀୟ ଅଧିକାରୀ ଧାରଣକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ଆସନ୍ତା ଗୁରୁବାର ସୁଦ୍ଧା ସଞ୍ଜୟଙ୍କୁ ମୃତ ଗାଈ ବାବଦ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଦୁଇ ସମ୍ପ୍ରଦାୟ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା
# ଏସ୍‌ପିଙ୍କୁ ଭେଟିଲା ବଜରଙ୍ଗ ଦଳ

କେନ୍ଦ୍ରାପଡା ଅଫିସ, ୬।୬

କେନ୍ଦ୍ରାପଡ଼ା ସହରର ବଡହାଟଠାରେ ଦୁଇ ଭିନ୍ନ ସମ୍ପ୍ରଦାୟ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା ଏବେ ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ସାଜିଛି। ସମସ୍ୟାର ସମାଧାନ ହୋଇ ପାରି ନ ଥିବାରୁ ସହରରେ ଚାପା ଉତ୍ତେଜନା ଲାଗିରହିଛି। ତେବେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ଫଳରେ ବ୍ୟାଙ୍କ ଓ ଅନ୍ୟ ବ୍ୟବସାୟରେ ଅଚଳାବସ୍ଥା ଦେଖାଦେଇଛି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲା ଶାଖାର ସଦସ୍ୟ ଗୁରୁବାର ଏସ୍‌ପିଙ୍କୁ ଭେଟିଛନ୍ତି। ଦୀର୍ଘ ଦୁଇ ଘଣ୍ଟା ବୈଠକ ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ସମୟର ଆବଶ୍ୟକତା ଥିବା ଜିଲା ପୋଲିସ ପ୍ରକାଶ କରିଛି। ପୂର୍ବାହ୍ନରେ ବଜରଙ୍ଗ ଦଳର କର୍ମକର୍ତ୍ତା କିଶୋର କୁମାର ପଣ୍ଡା, ସଞ୍ଜୟ କୁମାର ପତ୍ରୀ, ଉପିନ ରାଉତ, ଅକ୍ଷୟ କୁମାର ସେନାପତି ପ୍ରମୁଖ ସହରରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ବୈଠକରେ ଏସ୍‌ପି ନୀତିଶେଖର, ଗଜପତି ଏଏସ୍‌ପି ଶାନ୍ତନୁ କୁମାର ଦାଶ, କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ସନ୍ଧ୍ୟାରେ ସହରର ବଡ଼ହାଟଠାରେ ଦୁଇ ସମ୍ପ୍ରଦାୟର ଯୁବକ ହାତାହାତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ବାପା କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାକୁ ନେଇ ଆହତ ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ଏ ନେଇ ସହର ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି।

# ସବ୍‌ଜୁନିୟର ମହିଳା ଫୁଟବଲ ଟିମ୍‌ରେ ଆଳିର ୫


ଓଡ଼ିଶାର ୨୦ ଜଣିଆ ଦଳରେ ସାମିଲ ହୋଇଥିବା ଆଳିର ୫ ଖେଳାଳି।

ଆଳି, ୬।୬ (ଡି.ଏନ.ଏ)

ଚଳିତ ମାସ ୭ ତାରିଖଠାରୁ କଟକଠାରେ ଆରମ୍ଭ ହେବାକୁ ଥିବା ଜାତୀୟ ସବଜୁନିୟର ମହିଳା ଫୁଟବଲ ଚାମ୍ପିୟନଶିପ ପାଇଁ ଓଡ଼ିଶାର ୨୦ ଜଣିଆ ଦଳ ଘୋଷଣା ହୋଇଛି। ଏହି ୨୦ ଜଣିଆ ଦଳରେ ଆଳିର ୫ ଫୁଟବଲ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତର ଗେପ ଗ୍ରାମର କାହ୍ନୁଚରଣ ଦାସଙ୍କ ଝିଅ ଗାୟତ୍ରୀ, ନିଆଳ ପଞ୍ଚାୟତ ନିଆଳ ଗ୍ରାମର ରମେଶ ମଲିକଙ୍କ ଝିଅ ରୀତାଞ୍ଜଳି, ବୀରକିଶୋର ମଲିକଙ୍କ ଝିଅ ବର୍ଷାରାଣୀ, ଟୁଙ୍ଗା ପଞ୍ଚାୟତ ଏଣ୍ଡୋଳ ଗ୍ରାମର ଉତ୍ସବ ବେହେରାଙ୍କ ଝିଅ ମନୀଷା, ନବକିଶୋର ମହାଳିକଙ୍କ ଝିଅ ସୁହାସିନୀ। ଓଡ଼ିଶା ଫୁଟବଲ ଆସୋସିଏଶନ ପକ୍ଷରୁ ଏହି ୫ ଜଣଙ୍କୁ ଓଡ଼ିଶା ଟିମ୍‌ରେ ସାମିଲ କରାଯିବା ପରେ ଆଳି ଅଞ୍ଚଳରେ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଆଳି ଆଥଲେଟିକ ଆସୋସିଏଶନ ସଭାପତି ତଥା ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ସମ୍ପାଦକ ବିଜୟାନନ୍ଦ ସେନାପତି, କ୍ରୀଡ଼ାବିତ୍ କୃଷ୍ଣଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଚିରଞ୍ଜିବି ଦାସ, ଫୁଟବଲ କୋଚ ସୁଶାନ୍ତ କୁମାର ମଲିକ ପ୍ରମୁଖ ଓଡ଼ିଶା ଫୁଟବଲ୍ ଆସୋସିଏଶନକୁ କୃତଜ୍ଞତା ଜ୍ଞାପନ କରିବା ସହିତ ୫ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଛାତ୍ର କଂଗ୍ରେସ ପକ୍ଷରୁ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ରାଜନଗର, ୬।୬(ଡି.ଏନ.ଏ.)

ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଛାତ୍ର ରଶ୍ମିରଞ୍ଜନ ରାଉତ ସର୍ବାଧିକ ନମ୍ବର ରଖି ବ୍ଲକରେ ପ୍ରଥମ ହୋଇଛନ୍ତି । ରଶ୍ମିରଞ୍ଜନଙ୍କୁ ବୁଧବାର ଛାତ୍ର କଂଗ୍ରେସ ସଭାପତି ପ୍ରଭାତ ରାଉଳଙ୍କ ନେତୃତ୍ୱରେ ଅବିନାଶ ସାମଲ, ରାଜେଶ ବସନ୍ତିଆ, ସତ୍ୟଜିତ ନାୟକ, କୈଳାସ ମଣ୍ଡଳ, ପ୍ରକାଶ ତାଡୁ, ସର୍ବେଶ୍ୱର ପାଣି, ବିଷ୍ଣୁପଦ ମଣ୍ଡଳ, ଦେବେନ୍ଦ୍ର ସ୍ୱାଇଁ, ସିଦ୍ଧାନ୍ତ ବଳ, ସଂଗ୍ରାମ ସାହୁ, ନିରାକାର ବେହେରା ପ୍ରମୁଖ ଭେଟି ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ଆଜିଠୁ ରାଜ୍ୟସ୍ତରୀୟ ପୋଲିସ ଭଲିବଲ୍ ଚାମ୍ପିୟନଶିପ

କେନ୍ଦ୍ରାପଡା ଅଫିସ୍, ୬।୬

କେନ୍ଦ୍ରାପଡ଼ା ହାଇସ୍କୁଲ ପଡିଆଠାରେ ୬୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଓ ବାସ୍କେଟବଲ୍ ଚାମ୍ପିୟନଶିପ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପଡିଆ ପ୍ରସ୍ତୁତି, ଖେଳାଳିଙ୍କ ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଗୁରୁବାର କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖର ସମୀକ୍ଷା କରିଛନ୍ତି। ଏଥିରେ ରାଜ୍ୟର ୧୬ ପୋଲିସ ଜିଲାର ଭଲିବଲ ଏବଂ ବାସ୍କେଟବଲ ଖେଳାଳି ଭାଗନେବେ। ଏଥିସହ ଓଡ଼ିଶା ଅଗ୍ନିଶମ ସେବା, ରେଳବାଇ ପୋଲିସ ଓ ଓଡ଼ିଶା ରାଜ୍ୟ ଆର୍ମଡ ପୋଲିସର ୧୯ଟି ବାଟାଲିୟନରୁ ଖେଳାଳିମାନେ ୩୭ଟି ଦଳରେ ବିଭକ୍ତ ହୋଇ ଅଂଶ ଗ୍ରହଣ କରିବେ। ଭଲିବଲ ପ୍ରତିଯୋଗିତା କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବାସ୍କେଟବଲ ପ୍ରତିଯୋଗିତା ସେଣ୍ଟ ଯୋଶେଫ ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ହେବ। ପ୍ରତ୍ୟେହ ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ଶୁକ୍ରବାର ପୂର୍ବାହ୍ନ ୭ଟା ସମୟରେ କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଉଦଘାଟନୀ ମ୍ୟାଚରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବେ। ଏସ୍‌ପି ନୀତିଶେଖର ସମ୍ମାନିତ ଅତିଥି ଭାବରେ ଓ ଏଏସ୍‌ପି ଅରୁଣ କୁମାର ଜେନା, କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡା, ଡିଏସ୍‌ପି କାର୍ତ୍ତିକ ମଲ୍ଲିକ ପ୍ରମୁଖ ଏହି ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ଆସନ୍ତା ୧୨ତାରିଖ ଅପରାହ୍ନ ୩ଟାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ଏଡିଜି ସନ୍ତୋଷ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ପୋଲିସ କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ା, ଆରଆଇ ହେମନ୍ତ କୁମାର ଦାସ ଓ ଗୃହରକ୍ଷୀ ବାହିନୀର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ରନାଥ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିବେ ବୋଲି ଜଣାପଡ଼ିଛି।

# ଜମି ଦାବିରେ କୃଷକ ସଭାର ବିକ୍ଷୋଭ

କେନ୍ଦ୍ରାପଡା ଅଫିସ, ୬।୬

ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତସ୍ଥିତ ରାମଚଣ୍ଡୀ କୃଷକ ସଭା ପକ୍ଷରୁ ୪ଦଫା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କୃଷକ ସଭା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି, ଏହି ପଞ୍ଚାୟତରେ ସେମାନେ ବହୁ ଦିନରୁ ବସବାସ କରୁଛନ୍ତି। ଏଥିସହିତ ସ୍ଥାନୀୟ ଅଞ୍ଚଳର ଜମିରେ ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ତେବେ ଏହାକୁ ଜଙ୍ଗଲ ଜମି କହି ବନ ବିଭାଗ ବିଭିନ୍ନ ସମୟରେ ଜରିମାନା ଆଦାୟ ସହିତ ନିର୍ଯାତନା ଦେଉଛନ୍ତି। ବନ ବିଭାଗର ଏହି ନିର୍ଯାତନାକୁ ତୁରନ୍ତ ରୋକିବା, ଜଙ୍ଗଲ ଅଧିକାର ଆଇନ ଅପିଲ ମାମଲାର ତୁରନ୍ତ ଫଇସଲା କରିବା, ୨୦୧୫ ଅଗଷ୍ଟ ୨୫ରେ ଷ୍ଟେଟ ଲେଭଲ ମନିଟରିଂ କମିଟି ଠିକ୍‌କୁ କାର୍ଯ୍ୟକାରୀ କରିବା, ଜମି ସମ୍ପର୍କରେ ମାମଲାର ବିଚାର ସମୟରେ ବନ ବିଭାଗ ପକ୍ଷରୁ ସ୍ୱତ୍ୱ ଉଚ୍ଛେଦ ନ କରିବା ଆଦି ଦାବି ଉପସ୍ଥାପନ କରାଯାଇଛି। ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭରେ ସିପିଆଇ ନେତା ରମଣୀରଞ୍ଜନ ରାଉତରାୟ, କୃଷକ ସଭାର ହରେକୃଷ୍ଣ ସାମଲ, ଧନେଶ୍ୱର ସାମଲ, ଜଗନ୍ନାଥ ବେହେରା, ଧୀରେନ୍ଦ୍ର କୁମାର ସାମଲ, ସୁବାସ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ଜିଲାପାଳଙ୍କ ଅଫିସ ଆଗରେ ରାମଚଣ୍ଡି କୃଷକ ସଭା ପକ୍ଷରୁ ବିକ୍ଷୋଭ।

# ରାଜନଗରରେ ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ରାଜନଗର,୬।୬(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲାପାଳ ପି.ସି. ଚୌଧୁରୀ ବୁଧବାର ପ୍ରଥମ ଥର ପାଇଁ ରାଜନଗର ଗସ୍ତରେ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହି ଅବସରରେ ସେ ରାଜନଗର ବ୍ଲକ ସଭାଗୃହରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ବିଡିଓ ମନ୍ଦରଧର ମହାଳିକ, ତହସିଲଦାର ଦ୍ୱିବେନ୍ଦୁ ଶେଖର ଦାସ, ବ୍ଲକ ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜି. ସାମଲ, ସହକାରୀ ଯନ୍ତ୍ରୀ ଉପେନ୍ଦ୍ର କୁମାର ବେହେରା, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନାୟକ, ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଅସିତ ସୁନ୍ଦରରାୟ, ସୋରେନ କୁମାର ନାଥ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ. ରଶ୍ମି ରଞ୍ଜନ ମହାନ୍ତି, ସିଡିପିଓ ପୁଷ୍ପଲତା ଦାସଙ୍କ ସମେତ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ ମତ୍ସ୍ୟ ବିଭାଗର ଅଧିକାରୀ ଓ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ଜିଲାପାଳ ରାଜନଗରରେ ନିର୍ମାଣ ହେଉଥିବା ରାଜସ୍ୱ ଡାକବଙ୍ଗଳା ପରିଦର୍ଶନ କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆଉଟଡୋର ବୁଲି ଦେଖିଥିଲେ। ଏହି ଅବସରରେ ସେ ମେଡିକାଲ ଭିତରେ ଆବର୍ଜନା ଗଦା ଦେଖି ତାଗିଦା କରିଥିଲେ। ଏହାଛଡା ମେଡିକାଲ ପାଖରେ ଥିବା ସରକାରୀ ଜମି ଜବରଦଖଲ କରି ଘର ନିର୍ମାଣ କରୁଥିବା ଲୋକ ନାଁରେ ରାଜନଗର ଥାନାରେ ଏତଲା ଦେବାକୁ ରାଜନଗର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମହିଁଷାସୁରରେ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କରାଯାଇଥିବା ମାଛଚାଷ, କୁରୁଣ୍ଟିରେ ହୋଇଥିବା କୁକୁଡା ଫାର୍ମ ବୁଲି ଦେଖିଥିଲେ। ତୁଳସୀପୁର ଗାଁରେ ଖୋଳା ଯାଉଥିବା ପଞ୍ଚାୟତ ପୋଖରୀ ବୁଲି ଦେଖିବା ସହ ପୋଖରୀ ହୁଡାରେ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଗୋପାଳପୁର ବନବିହାରୀ ଜୀଉ ହାଇସ୍କୁଲ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ର ବୁଲି ଦେଖିବା ସହ ସ୍କୁଲ ପରିସରରେ ଥିବା ଶୌଚାଳୟକୁ ଶୀଘ୍ର ସଜାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ସାତଭାୟାବାସୀଙ୍କ ଥଇଥାନସ୍ଥଳୀ ବଗପାଟିଆରେ ପହଞ୍ଚି ବିଭିନ୍ନ ରାସ୍ତା, ସ୍କୁଲ, ଅଙ୍ଗନୱାଡି ଘର ବୁଲି ଦେଖିଥିଲେ। ଗୁପ୍ତି ରୁ ବଗପାଟିଆ ଯାଇଥିବା ଘେରିବନ୍ଧର ପଥରପ୍ୟାକିଂ କରିବା ସହ ଶୀଘ୍ର ଥଇଥାନସ୍ଥଳୀର ସଂଯୋଗ ରାସ୍ତା ନିର୍ମାଣ ସାରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପେଣ୍ଠ ଠାରେ ନିର୍ମାଣ ହୋଇଥିବା ଜିଓ ସିନ୍ଥେଟିକ ୱାଲ ପରିଦର୍ଶନ କରିଥିଲେ। ଖୁବଶୀଘ୍ର ସଂପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି।


ରାଜନଗର ଗସ୍ତ ଅବସରରେ ଜିଲାପାଳ ଓ ଅନ୍ୟମାନେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୭/୨୦୧୯ Bhubaneswar, Friday, June 7 / 2019

### ■ ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

# ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

**ରସୁଲପୁର,୬।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ସ୍ୱାମୀଙ୍କୁ ଗୁରୁବାର ପୋଲିସ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ସ୍ୱାମୀ ହେଲେ ପ୍ରଶାନ୍ତ ତରେଇ।

ପ୍ରକାଶ ଯେ, ସ୍ତ୍ରୀଙ୍କ ପରକୀୟା ପ୍ରୀତିକୁ ନେଇ ପ୍ରଶାନ୍ତଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ମଙ୍ଗଳବାର ରାତିରେ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବା ପାଇଁ ପ୍ରଶାନ୍ତ ଚେଷ୍ଟା କରିଥିଲେ। ସ୍ତ୍ରୀଙ୍କୁ ଛାତ ଉପରକୁ ଡାକି ନେଇ ତାଙ୍କ ଗୋଡକୁ ଏକ କାଠଫାଳିଆରେ ବାଡ଼େଇବା ସହ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ସେଥିରେ ବିଫଳ ହେବାରୁ ଏକ ଧାରୁଆ ଅସ୍ତ୍ରରେ ମାରିବାକୁ ଚେଷ୍ଟା କରିଥିଲେ। ଏଥିରେ ସ୍ତ୍ରୀ ଡରିଯାଇ ଚିତ୍କାର କରିଥିଲେ। ପଡୋଶୀ ଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ସ୍ୱାମୀ ଘଟଣାସ୍ଥଳରୁ ଖସି ପଳାଇଥିଲେ। ପରିବାର ଲୋକଙ୍କ ପକ୍ଷରୁ ଆହତ ମହିଳାକୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ପୋଲିସ ଏକ ମାମଲା (ନଂ.୧୫୮/୧୯) ରୁଜୁ କରିଥିଲା। ବୁଧବାର ରାତିରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା। ଏସଆଇ ଅନିତା ପ୍ରଧାନ ଘଟଣାର ତଦନ୍ତ କରୁଛନ୍ତି।

# ଶୋଇଥିବାବେଳେ ଯୁବକଙ୍କୁ ହାଣିଲେ ଦୁର୍ବୃତ୍ତ

**ଚଣ୍ଡିଖୋଲ/ଛତିଆ,୬।୬(ଡି.ଏନ.ଏ.)**

ବୈରୀ ଥାନା ଅଧୀନ ପାରିଆ ପଞ୍ଚାୟତ ବରୁଣିଆ (ଚାରିଗୋଛିଆ) ଆଦିବାସୀ ସାହିର ଗାଁ କୋଠ ଘରେ ବୁଧବାର ରାତିରେ ଜଣେ ଯୁବକ ଶୋଇଥିବାବେଳେ ଦୁର୍ବୃତ୍ତମାନେ ହାଣିଦେଇଛନ୍ତି। ଯୁବକଙ୍କ ମୁହଁ ଓ ବେକରେ ଗଭୀର କ୍ଷତ ହୋଇଛି। ସେ ହେଲେ ବୁଦୁ ମୁଣ୍ଡା (୩୨)। ବୁଦୁଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛଇ। ପ୍ରକାଶ ଯେ, ବୁଦୁ ସବୁଦିନ ଭଳି ବୁଧବାର ରାତିରେ ଆଦିବାସୀ ସାହିରେ ଥିବା କୋଠ ଘରେ ଶୋଇଥିଲେ। ରାତିରେ କେହି ଦୁର୍ବୃତ୍ତ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବାରୁ ତାଙ୍କ ମୁହଁ ସହ ଓ ବିଭିନ୍ନ ସ୍ଥାନରେ କ୍ଷତ ଦେଖିବାକୁ ମିଳିଛି। ଗୁରୁବାର ସକାଳୁ ବୁଦୁର ରକ୍ତ ଜୁଡୁବୁଡୁ ଶରୀରକୁ ଦେଖି ସାହି ଲୋକେ ୱାର୍ଡସଭ୍ୟ ଦେବ ମୁଣ୍ଡା ଓ ପାରିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ମାନସ ପଣ୍ଡାକୁ ଖବର ଦେଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବୁଦୁଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡମେଡିକାଲକୁ ପଠାଯାଇଛି। ଏନେଇ ବୈରୀ ଥାନାଧିକାରୀ ନିରଞ୍ଜନ ଶବରଙ୍କୁ ପଚାରିବାରୁ, କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିଛନ୍ତି।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଛତିଆ,୬।୬(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତ ଅନ୍ତର୍ଗତ ଏକତାଳିଆ ଗ୍ରାମରେ ଭାଗ୍ୟଧର ପ୍ରଧାନ (୨୪) ଗୁରୁବାର ବୁଧବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳୁ ପରିବାର ଲୋକେ ଦେଖିବା ପରେ ଛତିଆ ବିଟ୍ ହାଉସକୁ ଖବର ଦେଇଥିଲେ। ଛତିଆ ବିଟ୍ ହାଉସ ଅଧିକାରୀ ଜଗଦୀଶ କର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

### ■ କେନାଲ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ସୁକିନ୍ଦା,୬।୬(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ବିରିଗୋଡା ରେଙ୍ଗାଲି କେନାଲ ପାର୍ଶ୍ୱରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଯୁବକ ଜଣକ ଲେମ୍ବୋ ପଞ୍ଚାୟତ ସିଙ୍ଗାଡିଆ ଗ୍ରାମର ଇନ୍ଦ୍ରମଣି ଦାସ। ସେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକଭାବେ କାମ କରୁଥିଲେ ବୋଲି ଜଣାପଡିଛି। ଅପରପକ୍ଷେ ଇନ୍ଦ୍ରମଣିଙ୍କୁ ଯୋଜନା ବଦ୍ଧଭାବେ ହତ୍ୟାକରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (୫୦/୧୯୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଇନ୍ଦ୍ରମଣି ବୁଧବାର ରାତି ୮ଟା ପାଖାପାଖି ସମୟରେ ଡ୍ୟୁଟି ନିମନ୍ତେ ଘରୁ ଯାଇଥିଲେ। ହେଲେ ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ବିରିଗୋଡା ରେଙ୍ଗାଲି କେନାଲ ପାର୍ଶ୍ୱରେ ତାଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଇନ୍ଦ୍ରମଣିଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବାବେଳେ ବାଇକ୍‌ଟି ତାଙ୍କଠାରୁ କିଛିବାଟ ଦୂରରେ ପଡିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ତାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଇନ୍ଦ୍ରମଣିଙ୍କ ପୂର୍ବରୁ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳକୁ ନେଇ ମଧ୍ୟ ଥାନାରେ ବହୁବାର ଅଭିଯୋଗ ହୋଇଥିବା ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀ କହିଛନ୍ତି, ଘଟଣାର ତଦନ୍ତ ଜାରିରହିଛି। ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବ।

### ■ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଘଟଣା

# ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ଯୁବତୀ

**ରସୁଲପୁର,୬।୬(ଡି.ଏନ.ଏ.)**

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଘଟଣାରେ ଜଣେ ଯୁବତୀ ଗୁରୁବାର ନ୍ୟାୟ ପାଇଁ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ବାହାବାଲପୁର ଗ୍ରାମର ସତ୍ୟଜିତ୍ ରାଉତଙ୍କ ଓଡ଼ିଶୋ ପଞ୍ଚାୟତର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପରେ ବିବାହ ପ୍ରତିଶ୍ରୁତି ଦେଇ ସତ୍ୟଜିତ ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ହେଲେ ବିବାହ କରିବାକୁ ମନା କରିବାରୁ ଯୁବତୀ ଜଣକ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାର ସପ୍ତାହକ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଯୁବତୀ ଗତ ୪ତାରିଖରେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ କରିଥିଲେ।

ପ୍ରକାଶ ଯେ, ମେ ୨୫ ତାରିଖ ରାତିରେ ସତ୍ୟଜିତ ପ୍ରେମିକାଙ୍କ ଘରକୁ ଆସି ସମ୍ପର୍କ ରଖିବାକୁ ପ୍ରୟାସ କରିଥିଲେ। ସତ୍ୟଜିତଙ୍କ ମନ୍ଦ ଉଦ୍ଦେଶ୍ୟ ସମ୍ପର୍କରେ ଜାଣି ତାଙ୍କ ସହ ମିଳାମିଶା କରିବାକୁ ଯୁବତୀ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ପାଟିଶୁଣି ପରିବାର ଲୋକେ ସତ୍ୟଜିତଙ୍କୁ କାବୁ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ଆଲୋଚନା ହୋଇଥିଲା। ଏହି ସୁଯୋଗରେ ସତ୍ୟଜିତ ଖସି ପଳାଇଯାଇଥିଲେ। ପରେ ସତ୍ୟଜିତଙ୍କ ପରିବାର ଘଟଣା ସମ୍ପର୍କରେ ଆଲୋଚନା କରିବାକୁ ରାଜି ନ ହେବାରୁ ଯୁବତୀ ବାଧ୍ୟ ହୋଇ ଥାନାରେ ଅଭିଯୋଗ କରିଥିଲେ। ଯୁବକ ଜଣକ ଗାଁରେ ଖୁଲମଖୁଲା ବୁଲୁଥିବାବେଳେ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଜଣାପଡ଼ିଛି। ପୋଲିସ ରାଜନୈତିକ ଚାପରେ ତାଙ୍କୁ ଗିରଫ କରୁ ନ ଥିବା ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେଉଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



# ଆବାସ ଯୋଜନା ଗୋଛାବାରୀରେ ସାତସପନ

ଖଣ୍ଡପଡା,୬।୬(ସ୍ୱ.ପ୍ର.)

ସମାଜରେ ଦଳିତ ଓ ଅସହାୟଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ୨୦୧୯ ମସିହା ସୁଦ୍ଧା କେଉଁଠି ଚାଳ ଛପର ରହିବ ନାହିଁ ବୋଲି ରାଜ୍ୟ ସରକାର ମଧ୍ୟ ଘୋଷଣା କରିଛନ୍ତି। ସମସ୍ତଙ୍କୁ ବିଜୁ ପକ୍କାଘର ବା ପ୍ରଧାନମନ୍ତ୍ରୀ ଆବାସ ମିଳିବ ବୋଲି କୁହାଯାଉଛି। ମାତ୍ର ନୟାଗଡ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତରେ ପ୍ରଶାସନିକ ଅବହେଳା ଯୋଗୁ ସରକାରଙ୍କ ଏହି ଯୋଜନାର ସଫଳ ରୂପାୟନ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି ।

ଆଦିବାସୀ ଅଧ୍ୟୁଷିତ କିଆଝର ପଞ୍ଚାୟତ ଅନ୍ତର୍ଗତ ଗୋଛାବାରୀ ଗ୍ରାମର କେତେଜଣ ଗରିବ ନିସ୍ୱ ପରିବାର ଏହାର ଜ୍ୱଳନ୍ତ ଉଦାହରଣ। ଗୋଛାବାରୀ ଗ୍ରାମ ୫ନଂ ୱାର୍ଡର ନିଶା ପରିଡା (୫୦)ଦୀର୍ଘ ବର୍ଷ ହେବ ଏକ ଭଙ୍ଗା ଟାଇଲ ଛାତ ତଳେ ପରିବାର ସହ ରହୁଥିବା ବେଳେ ଘରର କାନ୍ଥ ଓ ଛାତ ଫାଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏପରିସ୍ଥିତିରେ ନିଶାଙ୍କ ସ୍ୱାମୀ ସହଦେବ ରୋଗାକ୍ରାନ୍ତ ଥିବାବେଳେ ଭଙ୍ଗା ଦଦରା ଗୋଟିଏ ବଖରାରେ ଚଳିବା କଷ୍ଟକର ହୋଇପଡିଛି। ବର୍ଷାଋତୁରେ କିମ୍ବା ଅଦିନିଆ ବର୍ଷା ହେଲେ ଘରେ ପାଣି ଜମୁ ଥିବାରୁ ଅନ୍ୟ ଘରେ ଆଶ୍ରା ନେବାକୁ ସେମାନେ ବାଧ ହୁଅନ୍ତି । ଦୀର୍ଘ ବର୍ଷରୁ ଆବାସ ଯୋଜନାରେ ଘର ପାଇବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ବେଳେ କେହି ତାଙ୍କ ପ୍ରତି ସଦୟ ହେଉ ନ ଥିବା ନିଶା ଅଭିଯୋଗ କରିଛନ୍ତି । ସେହିପରି ନିଶାଙ୍କର ୩୨ବର୍ଷୀୟ ପୁଅ ପଦ୍ମଲୋଚନ ବିବାହ ପାଇଁ ଉପଯୁକ୍ତ ହୋଇଥିବାବେଳେ ଭଙ୍ଗା ଘର ପାଇଁ



ଭଙ୍ଗା କୁଡ଼ିଆ ଆଗରେ ସ୍ତ୍ରୀ ନିଶାଙ୍କ ସହ ସହଦେବ।

- ଭଙ୍ଗାଘର ଯୋଗୁ ପୁଅର ବିବାହ କରାଇ ପାରୁନାହାନ୍ତି ସଦାଶିବ
- ଭଙ୍ଗା ଚାଳିଆରେ ବିତୁଛି କମଳାଙ୍କ ଜୀବନ

ସେ ପୁଅର ବିବାହ କରାଇ ପାରୁ ନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ।

ସେହିପରି ଉକ୍ତ ଗ୍ରାମର ସ୍ୱର୍ଗତ ଅର୍ଜୁନ ପରିଡାଙ୍କ ସ୍ତ୍ରୀ କମଳା ପରିଡା (୬୫)ପର ଦୁଆରେ ମୂଲ ଲାଗି ଚଳୁଛନ୍ତି। ପଲ୍ଲିସଭାରେ ଘରଟିଏ ପାଇବା ପାଇଁ ତାଙ୍କର ନାମ ରହିଥିଲେ ମଧ୍ୟ ଦୀର୍ଘ ୧୦ ବର୍ଷ ହେଲା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗୁହାରି କରି ଆସୁଥିଲେ ମଧ୍ୟ କେହି ତାଙ୍କ ଦୁଃଖ ବୁଝୁ ନଥିବା ସେ କହିଥିଲେ । ଗତ ବାତ୍ୟାରେ ତାଙ୍କ ଝଟିମାଟି ଘରର ଚାଳ ଉଡି ଯାଇଥିଲା, ଏ ପର୍ଯ୍ୟନ୍ତ ପଲିଥିନିଟିଏ ବି ମିଳି ପାରିଲା ନାହିଁ । ସେହିପରି ଗୟା ବାରିକ(୬୫) ଓ ତାଙ୍କ ସ୍ତ୍ରୀ ସୁମତି ଗୋଟିଏ ଇନ୍ଦିରା ଆବାସ ପାଇବା ପାଇଁ ଦୀର୍ଘ ୧୦ ବର୍ଷ ତଳେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ୩ ହଜାର ଟଙ୍କା ଲାଞ୍ଚ ଦେଇଥିବା ବେଳେ ତାଙ୍କ କାର୍ଯ୍ୟକାଳ ଶେଷ ହେଲା ପଛେ ତାଙ୍କୁ ଘର ଖଣ୍ଡେ ମିଳିଲା ନାହିଁ କି ଟଙ୍କା ଫେରସ୍ତ ମିଳିଲା ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନର ସରପଞ୍ଚଙ୍କୁ ବାରମ୍ବାର ନିବେଦନ କରି ଆସୁଥିଲେ ମଧ୍ୟ ତାଙ୍କ ଦୁଃଖ ତାଙ୍କ କାନରେ ବାଜୁ ନଥିବା ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦଣ୍ଡୁ ବାହୁକ, ଜାହାଜ ବେହେରା(୫୦), ଚଞ୍ଚଳା ପରିଡା, ପ୍ରମିଳା ପରିଡା, ଶାନ୍ତି ବାହୁକ, ପ୍ରତିମା ବେହେରା, ଚୁନି ବାରିକଙ୍କ କରୁଣ କାହାଣୀ ଅନ୍ୟମାନଙ୍କ ମନରେ କଷ୍ଟ ଜାତ କରୁଥିବା ବେଳେ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚି ପାରୁ ନାହିଁ ବୋଲି କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଲ୍ଲିସଭାରେ ସେମାନଙ୍କ ନାମ ରହିଥିବାବେଳେ ତାକୁ ବାଦ ଦିଆଯାଇ ଅନେକ ଥିଲାବାଲାଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଫଳରେ ଭଙ୍ଗା ଚାଳ ଛପର ଘରେ ଅବା ଚାଳ ନ ଥିବାରୁ ପଲିଥିନ ଘୋଡାଇ ବହୁ ପରିବାର ରହୁଛନ୍ତି। ଦୀର୍ଘ ବର୍ଷରୁ ସଂପୃକ୍ତ ପରିବାର ପକ୍ଷରୁ ଇନ୍ଦିରା ଆବାସ, ମୋ କୁଡିଆ, ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନକୁ ଆବେଦନ କରି ଆସୁଥିଲେ ମଧ୍ୟ ସେମାନଙ୍କ ନିବେଦନକୁ ବିଚାରକୁ ନିଆ ଯାଉ ନାହିଁ। ବାରମ୍ବାର ସେମାନଙ୍କ ନାମ ପଲ୍ଲିସଭାରେ ଯାଇଥିବା ବେଳେ ସେମାନଙ୍କ ଆବେଦନ ପତ୍ର ବ୍ଲକ କାର୍ଯ୍ୟାଳୟରୁ କେଉଁ ଆଡେ ଉଭାନ ହୋଇଯାଉଥିବା ଅଭିଯୋଗ କରିଛନ୍ତି। ଏହି ଆବାସ ଯୋଜନାରେ ଘର ଖଣ୍ଡେ ପାଇବାକୁ ହେଲେ ୨୦/୨୫ ହଜାର ଟଙ୍କା ଲାଞ୍ଚ ଦାବି କରାଯାଉଥିବା ଚଞ୍ଚଳା ପରିଡା ଓ ତାଙ୍କ ସ୍ୱାମୀ ବସନ୍ତ ପରିଡା ପ୍ରକାଶ କରିଥିଲେ। ଏ ସମ୍ପର୍କରେ କିଆଝର ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାରସିଂଙ୍କୁ ପଚାରିବାରୁ ସେ କହିଥିଲେ ଆମ ପଞ୍ଚାୟତରେ ଆବାସ ଯୋଜନାରେ କୌଣସି ଅନିୟମିତତା ହୋଇ ନାହିଁ । ପଞ୍ଚାୟତକୁ ଟାରଗେଟ କମ ଆସୁଛି । ବିଶେଷ କରି ଗତ ୨୦୧୧ ମସିହା ସେନସସ୍ ତାଲିକାର ଆବାସ ଯୋଜନାରେ ଯେଉଁମାନେ ଘର ପାଇବାକୁ ଯୋଗ୍ୟ ସେମାନଙ୍କୁ କ୍ରମାନ୍ୱୟରେ ଏହି ଯୋଜନାରେ ସାମିଲ କରାଯାଉଛି। ଅନ୍ୟମାନେ ସେହି ତାଲିକା କ୍ରମାନୁସାରେ ଅପେକ୍ଷା କରିବାକୁ ପଡିବ ବୋଲି ସେ ସୂଚନା ଦେଇଥିଲେ।





ନିଜ ଭଙ୍ଗା କୁଡ଼ିଆ ଆଗରେ କମଳା ଓ ଶାନ୍ତି।



ନୁଆଁଣିଆ ଘର ଆଗରେ ପିଲାଙ୍କ ସହ ଚୁନି।

## ସୂଚନା ଅଧିକାର କର୍ମୀଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

ରଣପୁର, ୬।୬ (ସ୍ୱ.ପ୍ର.)

ବୃକ୍ଷରୋପଣ, ପରିବେଶ ସଚେତନତା ସୃଷ୍ଟି କରାଇବା ଦିଗରେ ବିଶ୍ୱ ପରିବେଶ ଦିବସ ଅବସରରେ ରଣପୁର ବ୍ଲକ ବଜ୍ରକୋଟ ପଞ୍ଚାୟତ ବଜ୍ରକୋଟ ଗ୍ରାମର ସୂଚନା ଅଧିକାର କର୍ମୀ ତଥା ପରିବେଶପ୍ରେମୀ ଦିଲୀପ ସାମନ୍ତରାୟଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ନୟାଗଡ ଜିଲା ପ୍ରଶାସନ ତରଫରୁ ବୁଧବାର ଜିଲା ପରିବେଶ ସମିତି ଆନୁକୂଲ୍ୟରେ ପଠାଣି ସାମନ୍ତ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ଦିଲୀପଙ୍କୁ ପୁରସ୍କୃତ କରାଯାଇ ୫ ହଜାର ଅର୍ଥ ରାଶି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ବିଚାରପତି ଗୋପାଳ ପଟ୍ଟନାୟକ, ଜିଲା ବନ ବିଭାଗ ଅଧିକାରୀ ଧନରାଜ ଧନଧୀର ହନୁମତ୍, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଶ୍ୱେତ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ସୂଚନା ଅଧିକାର ଆଇନ ମାଧ୍ୟମରେ ଜଙ୍ଗଲ ବିଭାଗରେ ହେଉଥିବା ବିଭିନ୍ନ ଦୁର୍ନୀତିର ପର୍ଦ୍ଦାଫାଶ କରିବା, ପ୍ରକୃତି, ପରିବେଶ, ଜଙ୍ଗଲ, ଜମି, ଜଳ, ବାୟୁ ପ୍ରଦୂଷଣରୁ କିପରି ସମାଜକୁ ସୁରକ୍ଷିତ କରାଯାଇ ପାରିବ ସେଥିପାଇଁ ସେ ପ୍ରୟାସ ଜାରି ରଖିଛନ୍ତି ବୋଲି ସୂଚନା ଅଧିକାର କର୍ମୀ ଦିଲୀପ ସାମନ୍ତରାୟ କହିଛନ୍ତି।

## ସଂକ୍ଷେପରେ

### ୨ ଲୁଟ୍ ଘଟଣା
### ୨ ନାବାଳକଙ୍କ ସମେତ ୫ ଧରାପଡ଼ିଲେ

**ପୁରୀ ଅଫିସ,୬।୬:** ପର୍ଯ୍ୟଟକଙ୍କଠାରୁ ଦୁଇଟି ଲୁଟ୍ ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ୨ ନାବାଳକଙ୍କ ସମେତ ୫ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କ ମଧ୍ୟରେ ୩ଜଣ ଯୁବକ ସନ୍ଦିପ ପାଢ଼ୀ (୧୯), ଜ୍ଞାନରଞ୍ଜନ ଦାସ (୧୯) ଏବଂ ଦଧିବାମନ ବିଶ୍ୱାଳ (୧୯) ରହିଛନ୍ତି। ସୂଚନା ଅନୁଯାୟୀ, ମେ ୨୬ତାରିଖ ରାତି ୮ଟାରେ ଭୁବନେଶ୍ୱରର ଶାଳିନୀ କୁମାର ପରିବାର ସହ ବେଳାଭୂମିରେ ଠିଆହୋଇଥିଲେ। ସେ ମୋବାଇଲ ଫୋନ୍‌ରେ କଥା ହେଉଥିବାବେଳେ ଦୁଇଜଣ ଯୁବକ ଆସି ତାଙ୍କ ମୋବାଇଲ ଫୋନ୍ ଝାମ୍ପି ଫେରାର ହୋଇଯାଇଥିଲେ। ସେହିପରି ମେ ୨୯ତାରିଖ ଅପରାହ୍ନ ୩ଟାରେ ଅନୁଗୁଳର ଜଣେ ଯୁବକ ପୁରୀ ରେଳଷ୍ଟେଶନରୁ ଅଟୋ ଯୋଗେ ସମୁଦ୍ରକୂଳକୁ ଆସୁଥିଲେ। ଏସ୍‌ପି ଅଫିସ ନିକଟରେ ପଛପଟୁ ଦୁଇଜଣ ଯୁବକ ବାଇକରେ ଆସି ତାଙ୍କ ସ୍ତ୍ରୀଙ୍କ ଭ୍ୟାନିଟି ବ୍ୟାଗ ଝାମ୍ପି ଫେରାର ହୋଇଯାଇଥିଲେ। ଏ ନେଇ ସେମାନଙ୍କ ପକ୍ଷରୁ ପୃଥକ ଭାବେ ଥାନାରେ ଏତଲା ଦିଆଯାଇଥିଲା। ଚୋରି ମୋବାଇଲକୁ ଟ୍ରାକିଂ କରି ପୋଲିସ ଗୁରୁବାର ଉକ୍ତ ଅଭିଯୁକ୍ତମାନଙ୍କୁ ଧରିଥିବା ପୋଲିସ ସୂଚନା ଦେଇଛି।

### ବାସନ୍ଦ ପୀଡ଼ିତଙ୍କ ଥଇଥାନ ନେଇ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ପୁରୀ ଅଫିସ, ୬।୬:** ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବୁଢାକେରା ଗ୍ରାମରେ ବାସନ୍ଦ ଜୀବନ ବିତାଉଥିବା ୧୪ଜଣ ପୀଡିତଙ୍କ ଥଇଥାନ ଏବଂ ଉପଯୁକ୍ତ କ୍ଷତିପୂରଣ ଲାଗି ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ରାୟରେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ବୁଢାକେରା ଗ୍ରାମରେ ଗୋପାଳ ପରିବାର ଗାଈ, ମଇଁଷି ପୋଷି ପରିବାର ଗୁଜରାଣ କରୁଛନ୍ତି। ତେବେ ଗ୍ରାମର କେତେଜଣ ବ୍ୟକ୍ତି ଜୋର ଜବରଦସ୍ତ ଭାବେ ସେମାନଙ୍କ ଗାଈ, ମଇଁଷି ବିକି ଦେବାକୁ ବାଧ କରୁଥିଲେ। ଏଥିରେ ସେହି ପରିବାର ରାଜି ନ ହେବାରୁ ସେମାନଙ୍କୁ ଗ୍ରାମରୁ ବାସନ୍ଦ କରିଦେଇଥିଲେ। ବାସନ୍ଦ ପରିବାରଙ୍କୁ ମୌଳିକ ସୁବିଧା ପ୍ରଦାନ ଦାବିରେ ଗୋଡି ବିରୋଧି ଭାରତ ସଙ୍ଗଠନର ଅଧକ୍ଷ ବାଘାମ୍ବର ପଟ୍ଟନାୟକ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ, ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ଏବଂ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏ ନେଇ ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କରିଥିଲେ କମିଶନ। ସେହି ରିପୋର୍ଟ ଭିତ୍ତିରେ କମିଶନ ଉପରୋକ୍ତ ରାୟ ଦେଇଥିବା ଗୁରୁବାର ହେରାଗୋହିରୀ ସାହିସ୍ଥିତ ଚନ୍ଦ୍ରଶେଖର ପାଠାଗାର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ପୁରୀ ଜିଲା ଯାଦବ ମହାସଭା ସମ୍ପାଦକ ଦିଗାମ୍ବର ବେହେରା, ଆମ୍ବେଦକର ଲୋହିଆ ମଞ୍ଚର କିଷାନ ପଟ୍ଟନାୟକ, ସନାତନ ମହାଭୋଇ, ନବକିଶୋର ବେହେରା, ଉମାକାନ୍ତ ସାହୁ, ଶଙ୍କର ବେହେରା, କାଳୁ ବେହେରା, ଗୁଣ୍ଡୁଚି ବେହେରା, ସଦାଶିବ ମାଣିଆ ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆଗାଁ ହାଇସ୍କୁଲ ୧୯୯୧ ବ୍ୟାଚ୍‌ର ବନ୍ଧୁମିଳନ



**ନୂଆଗାଁ,୬।୬(ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ୧୯୯୧ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରମାନଙ୍କ ବନ୍ଧୁ ମିଳନ ଉତ୍ସବ ବୁଧବାର ବରକୋଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସହପାଠୀମାନେ ଏକତ୍ରିତ ହୋଇ ବିଗତ ଦିନର ସ୍ମୃତିଚାରଣ କରିଥିଲେ। ଦଶପଲ୍ଲା ନବ ନିର୍ବାଚିତ ବିଧାୟକ ରମେଶ ଚନ୍ଦ୍ର ବେହେରା ଉକ୍ତ ବ୍ୟାଚର ଛାତ୍ର ହୋଇଥିବାରୁ ସେ ମଧ୍ୟ ସମ୍ପୃକ୍ତ ସହପାଠୀଙ୍କ ସହ ଯୋଗ ଦେଇଥିଲେ। ବିଧାୟକ ଭାବେ ବେହେରା ନିର୍ବାଚିତ ହୋଇଥିବାରୁ ସାଙ୍ଗମାନଙ୍କ ମନରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ବିଧାୟକ ତାଙ୍କ ପ୍ରଥମ ମାସର ଦରମାର ଅର୍ଦ୍ଧେକ ଫନୀ ବାତ୍ୟା ରିଲିଫ ଫଣ୍ଡକୁ ଓ ଅବଶିଷ୍ଟ ଦଶପଲା ମହାବୀର ମନ୍ଦିରକୁ ଦାନ କରିବେ ବୋଲି କହିଥିଲେ। ଅନ୍ୟ ସହପାଠୀମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜଜ୍ ଦିଲୀପ କୁମାର ସାହୁ, ଆଇନଜୀବୀ ଅରୁଣ କୁମାର ପ୍ରଧାନ, ସାମାଜିକ କର୍ମୀ ବିଜୟ କୁମାର ସାସମଲ, ସଞ୍ଜୟ କୁମାର ରାଉତ, ମାନସ ସେଠୀ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ରଥଖଳାରୁ ......

# ଆଜିଠୁ ଆରମ୍ଭ ହେବ ଦଣ୍ଡା କାମ

ପୁରୀ ଅଫିସ, ୬।୬

ଆଗକୁ ରଥଯାତ୍ରା। ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ଗୁରୁବାର ସୁଦ୍ଧା ୪୧ଟି ଚକ ତିଆରି ସରିଛି। ତିନି ରଥର ଅଖହଣା ଚାଲିଛି। ବୁଧବାର ସୁଭଦ୍ରା ରଥର ଏକ ଅଖରେ ତ୍ରୁଟି ରହିଥିବା ଜଣାପଡ଼ିବା ପରେ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ସୁଭଦ୍ରା ରଥ ତୁମ୍ବରେ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିବା ପରେ ଏହାକୁ ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷରେ ଶୁକ୍ରବାରଠାରୁ ଦଣ୍ଡା କାମ ଆରମ୍ଭ ହେବ। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୯ଟିଲେଖାଏଁ ଏବଂ ଦର୍ପଦଳନ ରଥର ୭ଟି ଦଣ୍ଡା ହଣା ଆରମ୍ଭ ହେବ ବୋଲି ରଥ ଅମିନ ଲକ୍ଷ୍ମଣ ମହାରଣା କହିଛନ୍ତି। ଦୋଳମଣ୍ଡପସ୍ଥିତ ଅସ୍ଥାୟୀ କମାର ଶାଳରେ ଲୁହାକଣ୍ଟା ପ୍ରସ୍ତୁତି ଚାଲିଛି। ତାଳଧ୍ୱଜ ରଥର ସେବକ ଅର୍ଜୁନ ମହାରଣା କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଅରକଣ୍ଟା, ପନ୍ଦାରୀ, ବଳା ଓ ପନ୍ଦାରୀ ଚାବି ତିଆରି ଶେଷ ହୋଇଥିଲା। ଏବେ ଦଣ୍ଡା ବିଡ଼ିଆ କଣ୍ଟା ନିର୍ମାଣ ଚାଲିଛି। ସେହିପରି ଦୋଳବେଦୀରେ ଗୟଲ କାଠ ଚିରଟ ଚାଲିଛି। କରତି ସେବକମାନେ ଗୟଲ ଚିରଟ କରୁଛନ୍ତି। ତିନି ରଥରେ ୩ଟି ଗୟଲ ଲାଗିଥାଏ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ରଥଖଳାରେ ମୁହାଁଟ କାମ ଚାଲିଛି। ମହାରଣା ସେବକ କାଠ ଚିରଟ ଏବଂ ରୂପକାର ସେବକମାନେ କଣଗୁଜରେ ବ୍ୟସ୍ତ ରହିଛନ୍ତି। ପ୍ରତିଦିନ ଶ୍ରଦ୍ଧାଳୁମାନେ ରଥ ନିର୍ମାଣ କାର୍ଯ୍ୟ ଦେଖୁଛନ୍ତି। କେହି କାର୍ଯ୍ୟର ଭିଡିଓ କରୁଥିବାବେଳେ ଆଉ କେହି ରଥଖଳାରେ ସେଲଫି ନେଉଛନ୍ତି।



ମହାରଣା ସେବକ ରଥ ବିନ୍ଧ କାମ କରୁଛନ୍ତି।

## ସରକାରୀ ଜାଗା ଜବରଦଖଲ ଅଭିଯୋଗ

ପୁରୀ ଅଫିସ, ୬।୬

ସରକାରୀ ଜାଗାକୁ କେତେଜଣ ଲୋକ ଜବରଦଖଲ କରିଥିବା ନେଇ ଗୁରୁବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ପୁରୀ ସଦର ବ୍ଲକ ପ୍ରତାପରାମଚନ୍ଦ୍ରପୁର ମୌଜା ବାଲିଗୋରଡ଼ି ଗ୍ରାମବାସୀ। ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗାଁର ପଶ୍ଚିମ ପାର୍ଶ୍ୱରେ ବିରିପଡ଼ିଆ ନାମକ ଏକ ଜାଗା ରହିଛି। ଏହାର ଅପର ପାର୍ଶ୍ୱରେ କେତେକ ସରକାରୀ ଜାଗା ଅଛି। କେତେଜଣ ବ୍ୟକ୍ତି ଏହି ଜାଗାକୁ ପ୍ରାୟ ୫ ବର୍ଷ ହେବ ଜବରଦଖଲ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲାପାଳ ବଲୱନ୍ତ ସିଂଙ୍କୁ ଅନୁରୋଧ ଜଣାଇଛନ୍ତି।





ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ଶରଣକୁଳ ଲଡୁବାବା ମନ୍ଦିରରେ ଦର୍ଶନ ସାରି ଫେରୁଛନ୍ତି।

# ମଞ୍ଜିଟିଏ ଗଛଟିଏ ସଚେତନତା, କନ୍ୟାରତ୍ନ ସମ୍ବର୍ଦ୍ଧନା

ବୋଲଗଡ଼,୬।୬(ଡି.ଏନ୍.ଏ.)

ବୃକ୍ଷରୋପଣ ଉଦ୍ଦେଶ୍ୟରେ ପରିବେଶ ସଚେତନତା ପାଇଁ 'ମଞ୍ଜିଟିଏ ଗଛଟିଏ' କାର୍ଯ୍ୟକ୍ରମ ଅବସରରେ କନ୍ୟାରତ୍ନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୋଲଗଡ଼ ବ୍ଲକ ମାଣିବନ୍ଧ ପଞ୍ଚାୟତସ୍ଥ ଛାମୁଡିଆ ନୂଆପଲ୍ଲୀ ଗ୍ରାମରେ ଗୁରୁବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସ ସମାଜ ପାଇଁ ଟିକେ ସମୟ ଦେବା ଆହ୍ୱାନ ଦେଇ 'ଆମେ ତୁମେ ସେମାନେ' ସଂଗଠନ ପକ୍ଷରୁ ଦୁର୍ଗା ପ୍ରସାଦ ଦାସଙ୍କ ଆବାହକତ୍ୱରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟାରତ୍ନଙ୍କ ମାତା ଝିଲି ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡାକ୍ତର ସୁଶାନ୍ତ ଶତପଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବୃକ୍ଷରୋପଣ ପାଇଁ 'ମଞ୍ଜିଟିଏ ଗଛଟିଏ' ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ରମେଶ ମହାପାତ୍ର ଧୁଡୁକି ପରିବେଷଣ କରି ଲୋକଙ୍କୁ ସଚେତନ କରାଇଥିଲେ। ସଞ୍ଜୀବ କୁମାର ସେଠୀ ଓ ସସ୍ମିତା ବଳିୟାରସିଂହ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।





ବୃକ୍ଷରୋପଣ ସଚେତନତା ଶୋଭାଯାତ୍ରା।

## ■ ପୋଲିସ ପକ୍ଷରୁ ରଥ ସମନ୍ୱୟ ସମୀକ୍ଷା ବୈଠକ

# ଶୃଙ୍ଖଳିତ ରଥଟଣା, ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୬।୬

- ମୁତୟନ ହେବେ ୧୫୫ ପ୍ଲାଟୁନ ପୋଲିସ
- ୩ ପ୍ଲାଟୁନ ଆଣ୍ଟି ଟେରୋରିଷ୍ଟ ଫୋର୍ସ
- ବିଭିନ୍ନ ଦାୟିତ୍ୱରେ ରହିବେ ବରିଷ୍ଠ ଆଇପିଏସ୍ ଅଫିସର

ଆସନ୍ତା ୧୭ତାରିଖରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଏବଂ ଜୁଲାଇ ୪ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏ ନେଇ ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧକ୍ଷତାରେ ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସେହିପରି ଆଇନ ଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ ଆଦି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ରଥଯାତ୍ରାରେ ୧୫୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ୩ ୟୁନିଟ୍ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍, ୨କମ୍ପାନୀ ଲେଖାଏ ରାପିଡ୍ ଆକ୍ସନ ଫୋର୍ସ, ସୁଇଫ୍ଟ ଆକ୍ସନ ଫୋର୍ସ ମୁତୟନ ରହିବେ। ସେହିଭଳି ତଟ ସୁରକ୍ଷା ଓ ରେଳପଥ ସୁରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ।

ଚଳିତ ରଥଯାତ୍ରାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତାହାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ରଥଟଣା ଓ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ରଥଟଣା ସମୟରେ ଯେପରି କୌଣସ ଅଘଟଣ ନ ଘଟେ ସେଥିପ୍ରତି ବିଶେଷ ଭାବେ ଦୃଷ୍ଟି ଦେବାକୁ ଡିଜିପି ଶର୍ମା ଗୁରୁତ୍ୱାରୋପ କରିଛନ୍ତି। ଡ୍ୟୁଟିରେ ରହିଥିବା ଅନ୍ୟ ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ରଥଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶା ପୋଲିସର ଦକ୍ଷ ଓ ଅଭିଜ୍ଞ ସମ୍ପନ୍ନ ଆଇପିଏସସ୍ ଏବଂ ପୋଲିସ ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କୁ ଆଇନଶୃଙ୍ଖଳା, ଆଇଜି(କେନ୍ଦ୍ରାଞ୍ଚଳ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଶ୍ରୀମନ୍ଦିର ସୁରକ୍ଷା ଓ ସେବାୟତ ସମନ୍ୱୟ, ଆଇଜି ଅମିତାଭ ଠାକୁରଙ୍କୁ ଟ୍ରାଫିକ ନିୟନ୍ତ୍ରଣ, ଆଇଜି ଅସିତ ପାଣିଗ୍ରାହୀଙ୍କୁ ଭିଡ଼ ନିୟନ୍ତ୍ରଣ, ଆଇଜି (କ୍ରାଇମବ୍ରାଞ୍ଚ) ଅରୁଣ କୁମାର ବୋଥ୍ରାଙ୍କୁ ରଥ କର୍ଡନ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ ଫନୀ ବାତ୍ୟାରେ ପୁରୀ ସହରରେ ଲାଗିଥିବା ୨ଶହରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ନଷ୍ଟ ହୋଇଯାଇଛି। ରଥଯାତ୍ରା ପୂର୍ବରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଗତ ମେ ମାସରେ ଭୁବନେଶ୍ୱରଠାରେ ଓଡ଼ିଶା ପୋଲିସର ପ୍ରଥମ ରଥ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।





ବୈଠକରେ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏବଂ ଅନ୍ୟ ଅଧିକାରୀମାନେ।